# ଘର ତାଲା ଭାଙ୍ଗି ଲୁଟିନେଲେ ୩ ଭରି ସୁନା, ଟଙ୍କା



କାମାକ୍ଷାନଗର, (ସବ୍ୟୁ): କାମାକ୍ଷାନଗର ଥାନା ମହିମାନଗର ସାହି ରେ ବିଳମ୍ବିତ ରାତିରେ ଲୁଟ । ଘରେ ନଥିବାର ସୁଯୋଗ ନେଇ ତାଲା ଭାଙ୍ଗି ୩ ଭରି ସୁନା ଓ ନଗଦ ୨ଲକ୍ଷ ୨୭ ହଜାର ଟଙ୍କା। ଲୁଟିନେଲେ ଦୁର୍ବୃତ୍ତ । ଥାନାରେ ଏତଲା ପରେ ସାଇଣ୍ଟିଫିକ ଟିମ ଓ ପୋଲିସ ର ତଦନ୍ତ ଆରମ୍ଭ। ସୂଚନା ଅନୁସାରେ କାମାକ୍ଷାନଗର ଥାନା ମହିମାନଗର ସାହିର ଗୋପୀନାଥ ନାଏକ ଗତକାଲି ଘରେ ନଥିବା ବେଳେ ବିଳମ୍ବିତ ରାତିରେ ସେ ରହୁଥିବା ଘରର ମୁଖ୍ୟ ଦ୍ୱାରର ତାଲା ଭାଙ୍ଗି ଲୁଟ କରିଛନ୍ତି ଦୁର୍ବୃତ୍ତ । ଘରେ ଥିବା ଏକ ଦସ୍ତା ବାକ୍ସ ଲୁଟିନେବା ସହ ସେଥିରେ ଥିବା ୩ ଭରି ସୁନା ଅଳଙ୍କାର ଓ ୨ଲକ୍ଷ ୨୭ ହଜାର ଟଙ୍କା ଲୁଟିନେଇ ଛନ୍ତି ଦୁର୍ବୃତ୍ତ । ଲୁଟ ର ଖବର ପାଇ ଗୋପୀନାଥ କାମାକ୍ଷାନଗର ଥାନାରେ ଏକ ମାମଲା ରୁଜୁ କରିଥିବା ବେଳେ କାମାକ୍ଷାନଗର ପୋଲିସ ଓ ଢେଙ୍କାନାଳ ରୁ ସାଇଣ୍ଟିଫିକ ଟିମ ଆସି ଘଟଣାର ଅଧିକ ତଦନ୍ତ ଜାରି ରଖିଛି । ଗତକିଛିଦିନ ତଳେକାମାକ୍ଷାନଗର ସହର ର ଜଣେ ବ୍ୟବସାୟୀ ଙ୍କ ଗ୍ୟାରେଜ ଘରେ ବୋମାମାଡ଼ କରି ପିକଅପ ଭ୍ୟାନ ଜାଳିଦେଇଥିବା ବେଳେ ଆଜି ସହର ର ମଧ୍ୟଭାଗରେ ଥିବା ସାହି ଭିତରୁ ଏହି ଲୁଟ ଘଟଣା କୁ ନେଇ ସହର ବାସୀ ଆତଙ୍କିତ ଅଛନ୍ତି । ଆଗକୁ ସାଧାରଣ ର୍ନିବାଚନ ଆସୁଥିବା ବେଳେ ଲୁଟେରା ମାନଙ୍କ ଉତ୍ପାତ କାମାକ୍ଷାନଗର ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରୁଥିବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ନାକିଚି ପଞ୍ଚାୟତରେ ମନରେଗା ଦୁର୍ନୀତି, ତଦନ୍ତ କଲେ ଲୋକପାଳ

ଠାକୁରଗଡ଼, (ସବ୍ୟୁ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଥାନା ନାକିଚି ପଞ୍ଚାୟତରେ ମନରେଗାରେ ବ୍ୟାପକ ଦୁର୍ନୀତି ହୋଇଥିବା ଜଣାପଡିଛି। ଶ୍ରମିକ ମାନେ ଜବ କାର୍ଡ ଧରି ବସିଥିବା ବେଳେ ସେମାନଙ୍କୁ କାମ ଦିଆନଯାଇ କିଛି ଜବ କାର୍ଡ ପଞ୍ଚାୟତ କର୍ତ୍ତୃପକ୍ଷ ଠୁଳ କରି ଜେସିବ ମେସିନ ମାଧ୍ୟମରେ ରାସ୍ତା ନିର୍ମାଣ କରିଛନ୍ତି । ବଡଡଙ୍ଗିଆଣୀ ଠାରୁ କଣ୍ଡାଳ ଟିଭି ସେଣ୍ଟର ପର୍ଯ୍ୟନ୍ତ ମନରେଗା ଯୋଜନାରେ ନୂତନ ଭାବରେ ନିର୍ମାଣ କରାଯାଇଥିବା ରାସ୍ତା ରେ ବ୍ୟାପକ ଦୁର୍ନୀତି କରାଯାଇଥିବା ଅଭିଯୋଗ ହୋଇଛି । ଏ ନେଇ ମାର୍ଚ୍ଚ ୧ ତାରିଖରେ ବଡଡଙ୍ଗିଆଣୀ ଗ୍ରାମର ଅଭିନାଶ ପ୍ରଧାନ ଅନୁଗୋଳ ଲୋକପାଳଙ୍କ ଠାରେ ଅଭିଯୋଗ କରିଥିଲେ । ସେ ତାଙ୍କ ଅଭିଯୋଗ ପତ୍ର ରେ ଦର୍ଶାଇଛନ୍ତି ଯେ ନାକିଚି ପଞ୍ଚାୟତ ରେ ମନରେଗା କାର୍ଯ୍ୟରେ ବ୍ୟାପକ ଦୁର୍ନୀତି କରାଯାଉଛି । ବିଶେଷ କରି ଏହି ପଞ୍ଚାୟତ ରେ ୨୯୧୨ ଜଣ ଜବକାର୍ଡଧାରୀ ଥିବା ବେଳେ ସେମାନ ଙ୍କୁ ସଠିକ ଭାବରେ କାମ ଯୋଗାଇ ଦିଆଯାଉନାହିଁ । ବିଶେଷ କରି କିଛି ପଞ୍ଚାୟତ କର୍ମଚାରୀ ଓ କିଛି ଯୁବକ ମାନେ ବିଭିନ୍ନ ଶ୍ରମିକଙ୍କର ଜବ କାର୍ଡ ସଂଗ୍ରହ କରି ପଞ୍ଚାୟତରେ ଅନିୟମିତତା ଭାବରେ ମନରେଗା କାର୍ଯ କରୁଛନ୍ତି । ବିଶେଷ କରି ଜାନୁଆରୀ ୨୦୨୪ ମାସ ରେ ଏହି ପଞ୍ଚାୟତର ବଡ ଡଙ୍ଗିଆଣୀ ଠାରୁ କଣ୍ଡାଳ ଟିଭି ସେଣ୍ଟର ପର୍ଯନ୍ତ ମନରେଗା ମାଧ୍ୟମରେ ଏକ ନୂତନ ରାସ୍ତା ନିର୍ମାଣ କରାଯାଇଥିଲା। ହେଲେ ଏହି ରାସ୍ତାରେ ଶ୍ରମିକ କାମ କରିବା ପରିବର୍ତ୍ତେ ଜେସିବି ମେସିନର ବ୍ୟବହାର କରାଯାଇଥିଲା । ତରବରିଆ ଦିନ ରାତି ୧୫ ଦିନ ମଧ୍ୟରେ ରାସ୍ତା ନିର୍ମାଣ କରାଯାଇଥିଲା । ୮ ଲକ୍ଷ ଟଙ୍କା ବ୍ୟୟରେ ଏହି ରାସ୍ତା ନିର୍ମାଣ କରାଯାଉଥିବା ବେଳେ ଫଳକ ନିର୍ମାଣ କରାଯାଇଥିଲା ବେଳେ କାର୍ଯ ଆରମ୍ଭ ଓ ଶେଷ ତାରିଖ ମଧ ଉଲେଖ କରାଯାଇନାହି ।୧୫ ଦିନ ମଧ୍ୟରେ ଜେସିବି ମେସିନ ରେ ରାସ୍ତା ନିର୍ମାଣ କରାଯାଇ ୮ ଲକ୍ଷ ଟଙ୍କା ମିଥ୍ୟା ବିଲ କରାଯାଇ ଟଙ୍କାକୁ ହଡପ କରିବା ପାଇଁ ଯୋଜନା କରାଯାଇଥିବା ଅଭିଯୋଗ କରିଛନ୍ତି । ସେହିପରି ଅନେକ ଶ୍ରମିକଙ୍କୁ କିଛି ହାତ ଗୁଞ୍ଜା ଦେଇ ସେମାନଙ୍କର ଜବକାର୍ଡରେ କାମ କରାଯାଇଥିବା ଦର୍ଶାଇ ବିଲ ଉଠାଣ କରାଯାଉଥିବା ଅଭିଯୋଗ କରାଯାଇଛି । ତୁରନ୍ତ ଘଟଣା କୁ ଭିଜିଲାନ୍ସ ମାଧ୍ୟମରେ ଲୋକପାଳ ତଦନ୍ତ କରିବା ପାଇଁ ସେ ଦାବି କରିଥିଲେ । ତାଙ୍କ ଅଭିଯୋଗ ପରେ ମଙ୍ଗଳବାର ଦିନ ଅନୁଗୋଳ ଲୋକପାଳ ବିଭୁତି ଭୂଷଣ ପଟ୍ଟନାୟକ ଘଟଣା ସ୍ଥଳକୁ ଆସି ନିର୍ମାଣ ହୋଇଥିବା ରାସ୍ତା ସମ୍ପର୍କରେ ତଦନ୍ତ କରିଛନ୍ତି । ଏହି ରାସ୍ତା ଜେସିବି ମେସିନ ରେ ହୋଇଥିବା ଜଣାପଡିବା ପରେ କାର୍ଯାନୁଷ୍ଠାନ ପାଇଁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯିବା ସହ ବିଲ ମଞ୍ଜୁର ନକରିବା ପାଇଁ ନିର୍ଦ୍ଦେଶ ଦିଆଯିବ ବୋଲି ଅଞ୍ଚଳବାସୀଙ୍କୁ ଲୋକପାଳ କହିଥିଲେ । ଏହି ତଦନ୍ତ ସମୟରେ ସରପଞ୍ଚ ମନୋଜ ବାଘ, ୱାର୍ଡ ମେମ୍ବର ସଂଯୁକ୍ତା ପ୍ରଧାନ, ଅଭିଯୋଗ କାରୀ ଅଭିନାଶ ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ବଂଶୀ ଧର ସେଠୀଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ । ନାକିଚି ପଞ୍ଚାୟତରେ ମନରେଗା ଅନିୟମିତତା ସମ୍ପର୍କରେ କିଶୋରନଗର ବିଡିଓ ବିନୋଦ ବିହାରୀ ବେହେରାଙ୍କୁ ପଚାରିବାରୁ କୌଣସି ମନ୍ତବ୍ୟ ଦେଇ ନଥିଲେ ।



# ଜିଲ୍ଲା ଓକିଲ ସଂଘ ନିର୍ବାଚନ ପାଇଁ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶିତ

ବାରିପଦା, (ସବ୍ୟୁ) : ଜିଲ୍ଲା ଓକିଲ ସଂଘ, ବାରିପଦା, ମୟୂରଭଞ୍ଜ ପାଇଁ ନିର୍ବାଚନ ଚଳିତ ମାସ ୩୦ତାରିଖରେ ଅନୁଷ୍ଠିତ ହେବାକୁ ଥିବାବେଳେ ନିର୍ବାଚନ ପାଇଁ ବାରିପଦା କୋର୍ଟ ପରିସର ଚଳଚଞ୍ଚଳ ହୋଇପଡିଛି । ନିର୍ବାଚନ ପାଇଁ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି । ସଭାପତି ପଦ ପାଇଁ ବିଭୂ ପ୍ରସାଦ ଦାସ ଓ ପ୍ରବୀର କୁମାର ବଶାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହେଉଥିବାବେଳେ ଉପସଭାପତି ପାଇଁ କୃଷ୍ଣଚନ୍ଦ୍ର ମହାନ୍ତି ଓ ସୁଜାତା ମିଶ୍ର, ସାଧାରଣ ସମ୍ପାଦକ ପଦ ପାଇଁ ବୈଦ୍ୟନାଥ ସାହୁ, ବିପ୍ଳବ ବାରିକ, ସରୋଜ କୁମାର ଦାସ ଓ ସତ୍ୟ ସ୍ୱରୂପ ଦାଶ, ସହସମ୍ପାଦକ (ୱେଲଫେଆର) ପଦ ପାଇଁ ବନମାଳୀ ବାରିକ ଓ ସ୍ୱରୂପ କୁମାର ମିଶ୍ର, ସହସମ୍ପାଦକ (ଏଡମିନ୍) ପଦ ପାଇଁ ପଙ୍କଜ କୁମାର ମହାକୁଡ ଓ ସତ୍ୟବାନ୍ ପାଲ, ସହସମ୍ପାଦକ (ଲାଇବ୍ରେରି) ପଦ ପାଇଁ ଅଶୋକ କୁମାର ପଣ୍ଡା ଓ ସତ୍ୟନାରାୟଣ ବେହେରା ଏବଂ କୋଷାଧ୍ୟକ୍ଷ ପଦ ପାଇଁ ପଦ୍ମ ଲୋଚନ ମହାନ୍ତ ଓ ଶାନ୍ତନୁ କୁମାର ପାଲ ପ୍ରମୁଖଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହେଉଥିବା ନେଇ ଜିଲ୍ଲା ଓକିଲ ସଂଘର ନିର୍ବାଚନ ଅଧିକାରୀ ବରିଷ୍ଠ ଆଇନଜିବୀ କୃଷ୍ଣଚନ୍ଦ୍ର ଦାଶ ସୂଚନା ଦେଇଛନ୍ତି । ସେହିପରି ଜିଲ୍ଲା ଓକିଲ ସଂଘର ସାଧାରଣ ପରିଷଦ ସଦସ୍ୟ ଭାବେ ଦେବରାଜ୍ ମିଶ୍ର, ଗୌତମ ଶଙ୍କର ରାୟ, ଜ୍ଞାନରଞ୍ଜନ ଜେନା, ମାନସ ରଞ୍ଜନ ବେହେରା, ସୁଧାଂଶୁ ଶେଖର ପାଲ, ସୁସ୍ମିତା ଘୋଷାଲ, ସ୍ୱପ୍ନା ମହାନ୍ତି ଓ ଉତ୍ତମ କୁମାର ଦଳବେହେରା ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି ।

# ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ରାସୋଳ, (ସବ୍ୟୁ): ରାସୋଳ ଉଚ୍ଚ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ମୁରଲୀ ଧର ପାଣିଗ୍ରାହୀ (୭୫)ଙ୍କ ରବିବାର ରାତିରେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ହୋଇ କିଛି ଦିନ ତଳେ ଭୁବନେଶ୍ୱର କଳିଙ୍ଗ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେ ଜଣେ ସୁନାମଧନ୍ୟ ଛାତ୍ର ବତ୍ସଳ ଶିକ୍ଷକ ଭାବେ ବେଶ ପରିଚିତ ଥିଲେ। ଶ୍ରୀ ପାଣଗ୍ରାହୀଙ୍କୁ ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରା ଯାଇଥିଲା। ବଡ ଜ୍ୱାଇଁ ମାନସ ସର ମୁଖାଗ୍ନି ଦେଇଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ଝିଅ ଜ୍ୱାଇଁ ନାତି ନାତୁଣୀ ଓ ପରିବାର ସଦସ୍ୟ ମାନେ ଉପସ୍ଥିତ ଥିଲେ। ଶ୍ରୀ ପାଣିଗ୍ରାହୀ ଙ୍କ ବିୟୋଗରେ ନିଜ ଗ୍ରାମ ଚିତଳପୁର ତଥା ରାସୋଳ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ଶୋକ ପ୍ରକାଶ କରିଛି ।

# ମଦ ଜବତ, ୨ ଗିରଫ

ଠାକୁରଗଡ଼, (ସବ୍ୟୁ): ହଣ୍ଡପା ପୋଲିସ ସୋମବାର ଦିନ ଘନପୁର ଅଞ୍ଚଳ ରେ ଚଢାଉ କରି ଶ୍ରୀମତୀ ବେହେରାଙ୍କ ଘରୁ ୧୩ ଲିଟର ଚୋରା ଦେଶୀମଦ ଜବତ କରିଛି । ଏଥିସହ ତାଙ୍କୁ ଗିରଫ କରାଯାଇଛି । ସେ ଘରେ ଚୋରା ରେ ମଦ ବିକ୍ରି କରୁଥିବା ଖବର ପାଇଁ ହଣ୍ଡପା ପୋଲିସ ଚଢାଉ କରି ଗିରଫ କରିଥିଲା ।ଏ ନେଇ ନମ୍ବର ୧୧୮/୨୪ ରେ ଏକ ମାମଲା ରୁଜୁ କରାଯାଇଛି । ସେହିପରି କିଶୋରନଗର ପୋଲିସ ଆମ୍ବପାଳ ଅଞ୍ଚଳରେ ଚଢଉ କରି ପଦ୍ମପୁର ଗ୍ରାମର ତପନ ସ୍ୱାଇଁଙ୍କ ଠାରୁ ୧୩ ଲିଟର ଚୋରା ପାଉଚ ମଦ ଜବତ କରାଯାଇଛି । ସେ ଆମ୍ବପାଳ ଅଞ୍ଚଳରେ ମଦ ବିକ୍ରି କରୁଥିବା ବେଳେ ଖବର ପାଇଁ କିଶୋରନଗର ପୋଲିସ ଚଢଉ କରି ଗିରଫ କରିଥିଲା । ଏ ନେଇ ୬୬/୨୪ ରେ ଏକ ମାମଲା ରୁଜୁ କରିଛି ।

# ଯୁବକଙ୍କୁ ଠେଙ୍ଗାରେ ଆକ୍ରମଣ

ଠାକୁରଗଡ଼/ ପାଇକସାହି, (ସବ୍ୟୁ): ଅନୁଗୋଳ ଜିଲ୍ଲା ଠାକୁରଗଡ଼ ଥାନା କରଡାବାହାଳି ଗ୍ରାମର ନିର୍ମଳ ନାୟକଙ୍କୁ ସେହି ଗ୍ରାମର ଗଜେନ୍ଦ୍ର ନାୟକ, ବନ ନାୟକ ଏକ ଠେଙ୍ଗାରେ ଆକ୍ରମଣ କରିଥିବା ମଙ୍ଗଳବାର ଦିନ ଥାନାରେ ଅଭିଯୋଗ ହୋଇଛି । ଏନେଇ ନିର୍ମଳଙ୍କ ଅଭିଯୋଗକୁ ଭିତି କରି ପୋଲିସ ନମ୍ବର ୬୫/୨୪ ରେ ଏକ ମାମଲା ରୁଜୁ କରିଛି । ପୋଲିସ କହିଛି ଯେ ନିର୍ମଳ ଓ ଗଜେନ୍ଦ୍ରଙ୍କ ପରିବାର ମଧ୍ୟରେ ପୂର୍ବରୁ ଶତ୍ରୁତା ଲାଗିରହିଥିଲା । ଏହାକୁ କେନ୍ଦ୍ରକରି ସେ ଘରେ ଏକୁଟିଆ ଥିବା ବେଳେ ତାଙ୍କୁ ଗଜେନ୍ଦ୍ର ଓ ବନ ମିଶି ମାଡ଼ ମାରିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି । ଅନ୍ୟପଟରେ ଗଜେନ୍ଦ୍ର ଏନେଇ ଏକ ପାଲଟା ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ଯେ ସେ ଘରେ ଥିବା ବେଳେ ପୂର୍ବ ଶତ୍ରୁତାକୁ ନେଇ ତାଙ୍କୁ ନିର୍ମଳ ମାଡ଼ ମାରିଥିବା ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ କୁ ନେଇ ପୋଲିସ ନମ୍ବର ୬୬/୨୪ ରେ ଏକ ମାମଲା ରୁଜୁ କରାଯାଇଛି।

# ତାଳଚେର ଜଗନ୍ନାଥ ମନ୍ଦିରରେ ଅଷ୍ଟପ୍ରହରୀ ନାମଯଜ୍ଞ

ସାଉଥବଲଣ୍ଡା, (ସବ୍ୟୁ): ତାଳଚେର ବ୍ରାହ୍ମଣୀ ନଦୀକୂଳ ନିକଟସ୍ଥ ଜଗନ୍ନାଥ ମନ୍ଦିରରେ ଚଳିତ ଫାଲଗୁନ ମାସ ଶୁକ୍ଲପକ୍ଷ ସପ୍ତମୀ ତିଥି ଅବସରରେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବାସ ସନ୍ଧ୍ୟାରେ ବ୍ରାହ୍ମଣୀ ନଦୀରୁ ଭକ୍ତଙ୍କ ଦ୍ୱାରା କଳସୀରେ ଜଳଆଣି ନାମୁକରେ ସ୍ଥାପନ କରାଯାଇଥିଲା। ଦ୍ୱିତୀୟ ଦିନରେ ସକାଳ ୬ଘଟିକାରେ ନୀତିକାନ୍ତି ଅନୁଯାୟୀ ଠାକୁରଙ୍କ ଧୂପଦୀପ, ନୈବେଦ୍ୟ କରାଯାଇ ମହାପ୍ରଭୁଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ସୂର୍ଯ୍ୟପୂଜା, ଗ୍ରହପୂଜା, ଗ୍ରହଶାନ୍ତ, ଦେବାଦେବୀ ଆହ୍ୱାନ ପରେ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଅହୋରାତ୍ର ନାମ ସଂକୀର୍ତ୍ତନ ସହ ନାମଯଜ୍ଞରେ ଶତାଧିକ ଶ୍ରଦ୍ଧାଳୁଙ୍କର ସମାଗମ ହେବାସହ ୧୫ ଦଳ ସଂକୀର୍ତନ ମଣ୍ଡଳୀଙ୍କ ଉପସ୍ଥିତି ସେଠାରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ତିନିଦିନ ବ୍ୟାପି ଏହି ଯଜ୍ଞରେ ବହୁ ସଂଖ୍ୟାରେ ଭକ୍ତମାନେ ଉପସ୍ଥିତ ରହି ଭଗବାନଙ୍କ ନାମ ଗାନ କରିଥିଲେ। ଏହାପରେ ଶେଷଦିନ ବୈଠକ କୀର୍ତନ ସହିତ ନଗର ଭ୍ରମଣ, ଦଧିହାଣ୍ଡି ଭଙ୍ଗ ଇତ୍ୟାଦି କରାଯାଇ ମନ୍ଦିର ପ୍ରାଙ୍ଗଣରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏହି ଉତ୍ସବରେ ଜଗନ୍ନାଥ ମନ୍ଦିରର ଭକ୍ତବୃନ୍ଦ ଓ ଦର୍ଶନାର୍ଥୀମାନେ ଅଂଶଗ୍ରହଣ କରିଥିଲେ।

# ଓକିଲ ସଂଘ ନିର୍ବାଚନ : ୧୯ ନାମାଙ୍କନପତ୍ର କାଏମ

ପାଞ୍ଚ ପୀଢ ,(ସବ୍ୟୁ) :ଓଡ଼ିଶା ବାର ଆସୋସିଏସନ୍ ନିର୍ଦ୍ଦେଶ ମତେ ଆସନ୍ତା ୨୦୨୪-୨୫ ଆର୍ଥିକ ବର୍ଷେ କରଞ୍ଜିଆ ଓକିଲ ସଂଘ ର୍ନିବାଚନ ଆଗାମୀ ୩୦ ତାରିଖରେ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଦିନ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଶେଷ ହୋଇଛି। ବିଭିନ୍ନ ପଦ ପଦୀ ପାଇଁ ୧୫ ଜଣ ପ୍ରାର୍ଥୀ ସେମାନଙ୍କ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି ବୋଲି ର୍ନିବାଚନ ଅଧିକାରୀ କାହ୍ନୁଚରଣ ଗିରି, ସହକାରୀ ର୍ନିବାଚନ ଅଧିକାରୀ ସୁଧିର କୁମାର ସେଠୀ ଓ ଅନୁପମା କର ସୂଚନା ଦେଇଛନ୍ତି।ସଭାପତି ପଦ ପାଇଁ ବାଞ୍ଛାନିଧି ପୃଷ୍ଟି ଓ ମଦନମୋହନ ମହାନ୍ତ, ଉପସଭାପତି ପଦ ପାଇଁ ପଙ୍କଜବାସିନୀ ମହାନ୍ତି ଓ ଗୌରାଙ୍ଗ ବାରିକ୍, ସମ୍ପାଦକ ପଦ ପାଇଁ ଦିବ୍ୟ ପ୍ରସାଦ ସାହୁ ଓ ରିନ୍ଦ୍ର ମହାନ୍ତ, ଯୁଗ୍ମ ସମ୍ପାଦକ ପଦ ପାଇଁ ସରୋଜ କୁମାର ରାଉଳ,କୋଷାଧକ୍ଷ ପଦ ପାଇଁ ବାବୁରାମ ବେଶ୍ରା ଓ ସୁବ୍ରତ କୁମାର ମହାନ୍ତି ଏବଂ କାର୍ଯ୍ୟକାରୀ ସଦସ୍ୟ ପଦ ପାଇଁ ପିପୁନ କୁମାର ସାହୁ,ସନ୍ତୋଷ କୁମାର ପ୍ରଧାନ,ଦୀପକ କୁମାର ପାତ୍ର,ମନୋଜ କୁମାର ମହାନ୍ତି, ଏଂ ଗୋଟିଏ ମହିଳା ସଦସ୍ୟା ପଦ ପାଇଁ ସୁବର୍ଣ୍ଣ ଧୁଙ୍ଗିଆ ଓ ନାମାଙ୍କନପତ୍ର ଦାଖଲ କରିଛନ୍ତି। ତେବେ ଆଜି ଓ ଆସନ୍ତା କାଲି ନାମାଙ୍କନପତ୍ର ଦାଖଲ,୧୪ ତାରିଖରେ ଯାଞ୍ଚ,୧୬ ତାରିଖରେ ପ୍ରତ୍ୟାହାର ,୧୮ ତାରିଖରେ ଚୁଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ଏଂ ୩୦ ତାରିଖରେ ର୍ନିବାଚନ ଅନୁଷ୍ଠିତ ହେବ ଏଂ ସେହିଦିନ ଫଳାଫଳ ମଧ୍ୟ ଘୋଷଣା କରାଯିବ ବୋଲି ପ୍ରକାଶ କରାଯାଇଛି।

# ମୋଦିଙ୍କ ଲାଭାର୍ଥୀଙ୍କୁ ଭେଟିଲେ ବିଜେପି ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର



ସାଉଥବଲଣ୍ଡା, (ସବ୍ୟୁ): ବିଜେପିର ଗାଁ ଚାଲ ଅଭିଯାନ, ଲାଭାର୍ଥୀ ସମ୍ପର୍କ ଅଭିଯାନ ଆଦି ବିଭିନ୍ନ ଅଭିଯାନ ଜାରି ରହିଛି। ବୁଥ ସ୍ତରର କାର୍ଯ୍ୟକର୍ତା ଠାରୁ ଆରମ୍ଭ କରି ରାଜ୍ୟ ଓ କେନ୍ଦ୍ରୀୟ ନେତୃବର୍ଗଙ୍କର ପ୍ରବାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ବିଜେପି ରାଜ୍ୟ ଉପସଭାପତି ତଥା ଢେଙ୍କାନାଳ ସଂସଦୀୟ କ୍ଷେତ୍ର ପ୍ରଭାରୀ ଗୋଲକ ମହାପାତ୍ରଙ୍କର ତାଳଚେର ବିଧାନସଭା କ୍ଷେତ୍ରକୁ ଘନ ଘନ ଗସ୍ତ କାର୍ଯ୍ୟକ୍ରମ ରହୁଛି। ଏହି କ୍ରମରେ ଶ୍ରୀ ମହାପାତ୍ର ସୋମବାର ଓ ମଙ୍ଗଳବାର ଦୁଇ ଦିନିଆ ତାଳଚେର ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ସୋମବାର ଅପରାହ୍ଣରେ ସେଣ୍ଟ୍ରାଲ ୱାର୍କସପ କଲୋନୀ ସ୍ଥିତ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଭରତପୁର ଠାରେ ବିଜେପିର ମଣ୍ଡଳ ସଭାପତି ଓ ପ୍ରଭାରୀଙ୍କ ସହ ଏକ ବୈଠକରେ ଯୋଗ ଦେଇ ଗାଁ ଚାଲ ଅଭିଯାନ, ଲାଭାର୍ଥୀ ସମ୍ପର୍କ ଅଭିଯାନ, ପ୍ରବାସ ଯୋଜନା ଉପରେ ଆଲୋଚନା କରିଥିଲେ।ପରେ ସନ୍ଧ୍ୟାରେ ଗୋବରା ପଂଚାୟତ ଗୁରୁଦ୍ୱାର ବସ୍ତିକୁ ଯାଇ ମୋଦୀଙ୍କ ଯୋଜନାର ଲାଭାର୍ଥୀମାନଙ୍କୁ ଭେଟି ଆଲୋଚନା କରିଥିଲେ। ଘର ଘର ବୁଲି ମୋଦି ଗ୍ୟାରେଣ୍ଟି ପତ୍ର, କ୍ୟାଲେଣ୍ଡର ଏବଂ ଷ୍ଟିକର ପ୍ରଦାନ କରିଥିଲେ। ରାତ୍ରୀରେ ଯୁବମୋର୍ଚ୍ଚା ଜିଲ୍ଲା ସାଧାରଣ ସମ୍ପାଦକ ସୁନିଲ ବିଶ୍ୱାଳଙ୍କ ଘରେ ପାରିବାରିକ ସମ୍ପର୍କ ସହ ସାମୁହିକ ଭୋଜନ କରିଥିଲେ। ସେହିପରି କର୍ଣ୍ଣପୁର ପଂଚାୟତରେ ଜଣେ କାର୍ଯ୍ୟକର୍ତାଙ୍କ ଘରେ ଶ୍ରୀ ମହାପାତ୍ର ରାତ୍ରୀ ଯାପନ କରିଥିଲେ। ଶ୍ରୀ ମହାପାତ୍ରଙ୍କ ସହ ତାଳଚେର ବିଧାନସଭାର ବିଜେପି ନେତା କାଳନ୍ଦି ସାମଲ, ଅନୁଗୁଳ ଜୋନ ମିଡ଼ିଆ ସେଲ ସଂଯୋଜକ ପର୍ଶୁରାମ ବାରିକ, ବିସ୍ତାରକ ଭକ୍ତ ବତ୍ସଳ ବସ୍ତିଆ, କାଳନ୍ଦି ପ୍ରଧାନ, ଜିଲ୍ଲା ସମ୍ପାଦକ ପ୍ରଶାନ୍ତ ନନ୍ଦଙ୍କ ସମେତ ସମସ୍ତ ମଣ୍ଡଳ ସଭାପତି, ପ୍ରଭାରୀ ଓ ବରିଷ୍ଠ କାର୍ଯ୍ୟକର୍ତା। ଉପସ୍ଥିତ ଥିଲେ।

# ବଡ ଡଙ୍ଗିଆଣରେ ଭାଗବତ ସପ୍ତାହ ପାରାୟଣ, ନାମ ଯଜ୍ଞ

ବଇଣ୍ଡା, (ସବ୍ୟୁ): କିଶୋରନଗର ବ୍ଲକ ଅନ୍ତର୍ଗତବଡ ଡଙ୍ଗିଆଣି ଗ୍ରାମରେ ଧୁମଧାମରେ ଶ୍ରିମତଭାଗବତ ସପ୍ତାହ ପାରାୟଣ ଏବଂ ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରାୟ ୮ ଟି କୀର୍ତ୍ତନ ଦଳ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ । ଗ୍ରାମରେ ଏଭଳି ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଚତୁର୍ଥ ବର୍ଷ ପାଇଁ ଅନୁଷ୍ଠିତ ହେଉଥିବାରୁ ଗ୍ରାମର ତଥା ନିକଟସ୍ଥ ଗ୍ରାମର ଜନସାଧାରଣ ଯୋଗଦେଇ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ । ଏହି କାର୍ଯ୍ୟକ୍ରମର ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ । ଅଞ୍ଚଳବାସୀ ଏହି କାର୍ଯ୍ୟକ୍ରମକୁ ଅତ୍ୟନ୍ତ ପ୍ରଶଂସା କରିଛନ୍ତି ।

# ସାମ୍ବାଦିକଙ୍କ ମାତୃବିୟୋଗ

ଅନୁଗୋଳ, (ସବ୍ୟୁ): ଛେଣ୍ଡିପଦା ବ୍ଲକ୍ ବାଗେଡିଆ ଗ୍ରାମର ବିଶିଷ୍ଟ ବ୍ୟବସାୟୀ ତଥା ସାମ୍ବାଦିକ ସର୍ବେଶ୍ୱର ସାହୁଙ୍କ ଧର୍ମପତ୍ନୀ ବିଜୟଲକ୍ଷ୍ମୀ ସାହୁ ( ମୁନି) ଗତ ୧୬ ତାରିଖ ଦିନ କିଡନୀ ଜନିତ ରୋଗରେ ଆକ୍ରାନ୍ତ ହୋଇ ୪୨ ବର୍ଷ ବୟସରେ ପରଲୋକ ଗମନ କରିଛନ୍ତି । ସେ ଜଣେ ଧର୍ମପରାୟଣ ଓ ମିଷ୍ଟଭାଷୀ ଭାବରେ ବେଶ୍ ପରିଚିତ ଥିଲେ । ସେ ଦୀର୍ଘ ଦିନ ଧରି ଅନୁଗୋଳରେ ବସବାସ କରୁଥିଲେ। ବାଗେଡିଆ ଗ୍ରାମରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ତାଙ୍କର ଏକମାତ୍ର ପୁତ୍ର ଟାଇମ୍ସ ଓଡ଼ିଆ ଜିଲ୍ଲା ପ୍ରତିନିଧି ସ୍ୱସ୍ତିକ ଦେବ ସାହୁ ମୁଖାଗ୍ନି ଦେଇଥିଲେ । ତାଙ୍କ ଅକାଳମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ଉତ୍କଳକେଶରୀ ଆଗରପଡ଼ା ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା

ଆଗରପଡ଼ା,(ସବ୍ୟୁ):ଉତ୍କଳକେଶରୀ ଆଗରପଡ଼ା ମହୋତ୍ସବ ସ୍ଥାନୀୟ ହେମପଦ୍ମ ଗାଲାକ୍ସି ଠାରେ ଆୟୋଜିତ ଦ୍ୱିତୀୟ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସଭା ଅନୁଷ୍ଠିତ ହୋଇଯାଇଛି। ଟେଲିଷ୍ଟାର ଜିତେନ୍ଦ୍ର ପଟ୍ଟନାୟକ ଓ ରୋଜାଲିନ ପ୍ରଧାନଙ୍କ ସଂଳାପ ଦର୍ଶକମାନଙ୍କୁ ବିମୁଗ୍ଧ କରିଥିଲା। ବିଟିପୁର ସରପଂଚ ଶୁଭଦ୍ରା ସିଂହ, ବଡ଼ମହିଁସଗୋଠ ସରପଂଚ ବିନୋଦିନୀ ମହାନ୍ତି, ପୁରୁଷଣ୍ଡ ସରପଂଚ ପ୍ରକାଶ ବିଶ୍ୱାଳ, ପୂର୍ବତନ ସରପଂଚ ରବିନ୍ଦ୍ର ପଣ୍ଡା, ସ୍ତମ୍ଭକାର ସୁବୋଧ ସାହୁ,ଶିକ୍ଷାବିତ କୈଳାଶ ଧଳ, ସମାଜସେବୀ ମମତା ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ହାଇକୋର୍ଟ ଆଡ଼ଭୋକେଟ ମନୋଜ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାମ୍ବାଦିକ ହେମନ୍ତ ସିଂହ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ପ୍ରତିଭାବାନ ବ୍ୟକ୍ତିମାନଙ୍କୁ ସମ୍ମାନୀତ କରାଯାଇଥିଲା । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରାଯାଇଥିଲା ।

# ରାଜ୍ୟସ୍ତରୀୟ ପାଓାର ଲିଫ୍ଟିଂରେ ସ୍ୱର୍ଣ୍ଣପଦକ ହାସଲ କଲେ ସୁଚିତ୍ରା




ସାଉଥବଲଣ୍ଡା/ତାଳଚେର, (ସବ୍ୟୁ): ଓଡିଶା ଅଲମ୍ପିକ ଆସୋସିଏସନ ଦ୍ୱାରା ଚଳିତ ମାର୍ଚ୍ଚ ମାସ୧୫ରୁ ୧୭ ତାରିଖ ଯାଏଁ ଉତ୍କଳ କରାଟେ ସ୍କୁଲ ଭୂବନେଶ୍ୱର ଠାରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ୩୦ତମ ଶକ୍ତି ଉତୋଳନ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି ସୁଚିତ୍ରା ବେହେରା। ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତାରେ ସାରା ଓଡିଶାରୁ ପ୍ରାୟ ତିନି ଶହରୁ ଅଧିକ ପ୍ରତିଯୋଗୀ ଭାଗ ନେଇଥିଲେ। ଏହି ରାଜ୍ୟସ୍ତରୀୟ ଶକ୍ତି ଉତୋଳନ ପ୍ରତିଯୋଗିତାରେ ତାଳଚେର କଂସମୁଣ୍ଡା ଗ୍ରାମର ସୁଚିତ୍ରା ବେହେରା ଭାଗ ନେଇଥିଲେ। ଶ୍ରୀମତୀ ବେହେରା ବରିଷ୍ଠ ମହିଳା ବର୍ଗ (୫୭କେ.ଜି)ରେ ସ୍ୱର୍ଣ୍ଣପଦକ ହାସଲ କରି ସମଗ୍ର ଅନୁଗୋଳ ଜିଲ୍ଲାକୁ ଗୌରବାନିତ କରିଛନ୍ତି। ଜଣେ ଗୃହିଣୀ ହୋଇ ଏପର୍ଯ୍ୟନ୍ତ ପହଁଚିବା ପାଇଁ ବହୁ ପରିଶ୍ରମ ଓ ଘାତ ପ୍ରତିଘାତର ସମ୍ମୁଖୀନ ହୋଇଥିଲେ। ତାଙ୍କ ସ୍ୱାମୀ ଏମସିଏଲର ଭରତପୁର କୋଇଲାଖଣିରେ କାର୍ଯ୍ୟରତ ଅଛନ୍ତି। ତାଳଚେର ଅଂଚଳରେ ଏ ସୁବିଧା ନ ଥିବାରୁ ସେ ଦୈନିକ ୧୫ କିମି ଦୂରରେ ଅନୁଗୋଳର ଏକ ଘରୋଇ ଜିମ୍ ରେ ଅଭ୍ୟାସ କରୁଥିଲେ। ଆଗକୁ ସେ ଆନ୍ତର୍ଜାତିକ ସ୍ତରରେ ଖେଳିବା ପାଇଁ ଆଶା ରଖିଛନ୍ତି। ତାଙ୍କ ଅଂଚଳରେ ଭଲ ଜିମ୍ ନଥିବାରୁ ଆଗାମି ଦିନରେ ସେ ଏକ ଉନ୍ନତ ମାନର ଜିମ୍ ଖୋଲି ମହିଳାମାନଙ୍କୁ ପ୍ରଶିକ୍ଷଣ ଦେବାକୁ ମନସ୍ଥ କରିଛନ୍ତି। ଜଣେ ଗୃହିଣୀ ଭାବେ ମହିଳା ଶକ୍ତି ଉତୋଳନ ପ୍ରତିଯୋଗିତାରେ ଭାଗ ନେଇ ସେ ସ୍ୱର୍ଣ୍ଣପଦକ ହାସଲ କରିଥିବାରୁ ସ୍ଥାନୀୟ ଅଂଚଳରେ ଖୁସିର ଲହରୀ ଖେଳିଯାଇଛି। ଅଂଚଳବାସୀ ତାଙ୍କ ବାସଭବନକୁ ଆସି ଶୁଭେଚ୍ଛା ଜଣାଉଥିବା ଜଣାପଡିଛି। ତେବେ ଏଭଳି ସଫଳତା ହାସଲ ନିମନ୍ତେ ସେ ସର୍ବପ୍ରଥମେ ତାଙ୍କ ସ୍ୱାମୀଙ୍କ ସହଯୋଗ ରହିଥିବା ବେଳେ ଗୁରୁ ହିଂମାଶୁ ସାହୁଙ୍କ ତତ୍ତ୍ୱାବଧାନରେ ଆଗକୁ ଯାଇ ପାରିଥିବାର ପ୍ରକାଶ କରିବାସହ ସେ ଏଥିପାଇଁ ନିଜକୁ ଗର୍ବିତ ମନେ କରିଛନ୍ତି ।

# ଜମି ଅଧିଗ୍ରହଣ ପାଇଁ ଘରୋଇ ସର୍ଭେକୁ ବିରୋଧ, ଉପଜିଲ୍ଲାପାଳଙ୍କୁ ଦାବିପତ୍ର

ତାଳଚେର, (ସବ୍ୟୁ): ବଳଭଦ୍ର କୋଇଲାଖଣି ନିମନ୍ତେ ଜମି ଅଧିଗ୍ରହଣ ପାଇଁ ହେବାକୁ ଥିବା ଘରୋଇ ସର୍ଭେକୁ ବିରୋଧ କରି କୁମୁଣ୍ଡା ପଞ୍ଚାୟତ ବାସୀଙ୍କ ପକ୍ଷରୁ ଆଜି ତାଳଚେର ଉପଜିଲ୍ଲାପାଳ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ପ୍ରଦାନ କରାଯାଇଛି । ଗ୍ରାମବାସୀଙ୍କ ସୂଚନା ଅନୁସାରେ ଏମସିଏଲର ବଳଭଦ୍ର କୋଇଲାଖଣି ନିମନ୍ତେ ତାଳଚେର ବ୍ଲକ କୁମୁଣ୍ଡା ଗ୍ରାମ ପଞ୍ଚାୟତର ସମସ୍ତ ଗ୍ରାମର ସମ୍ପୂର୍ଣ୍ଣ ଅଧିଗ୍ରହଣ ନିମନ୍ତେ ୯(୧) ନୋଟିଫିକେସନ୍ ହୋଇଥିବା ବେଳେ ଆଗାମୀ ଦିନରେ ଗ୍ରାମ ଗୁଡ଼ିକର ପୁନର୍ବାସ ଓ ଥଇଥାନ କରାଯିବ । ଏନେଇ ପ୍ରଦତ ପତ୍ର ସଂଖ୍ୟା ନଂ ଏମସିଏଲ/ଜିଏମ୍ (ଏଚଏ) ଏଲଆଣ୍ଡ ଆର-୧/ ୨୦୨୪/ ୧୩୮ ତା ୧୨.୦୩.୨୦୨୪ ରିଖ ସରକାରଙ୍କ ଦ୍ୱାରା ୯(୧) ନୋଟିଫିକେସନ ହୋଇସାରିଛି । କିନ୍ତୁ ଉକ୍ତ ପତ୍ରରେ ଉଲ୍ଲେଖ ହୋଇଥିବା କିଛି ତଥ୍ୟ ଗ୍ରାମବାସୀମାନଙ୍କ ମନରେ ଭୟ ଓ ଆଶଙ୍କା ସୃଷ୍ଟି କରିଛି । ତେବେ ଗ୍ରାମବାସୀ ଏମସିଏଲ ଦ୍ୱାରା ଜମି ଅଧିଗ୍ରହଣ କରାଯାଇ ପ୍ରଦାନ କରାଯାଉଥିବା ପୁନର୍ବାସ ଓ ଥଇଥାନ ସୁବିଧାକୁ ଆଖି ଆଗରେ ରଖି ସର୍ବଦା ଏମସିଏଲର କୋଇଲାଖଣି ଗୁଡିକୁ ସ୍ୱାଗତ କରି ଆସୁଛନ୍ତି । କିନ୍ତୁ ପ୍ରଦତ ପତ୍ରରେ ଏକ ଘରୋଇ ସଂସ୍ଥା ଏମ/ଏସ୍ ଭିପିଆର ବଳଭଦ୍ର କୋଲ୍ମାଇନ୍ସ ପ୍ରାଇଭେଟ୍ ଲିଃ ( ଭିପିଆର-ବିସିଏମପିଏଲ୍) ଦ୍ୱାରା ସର୍ଭେ, ମେଜରମେଂଟ ସହ ଉକ୍ତ ସଂସ୍ଥା ସହାୟତାରେ କ୍ଷତିପୂରଣ ରାଶି ଏବଂ ପୁନର୍ବାସ ଓ ଥଇଥାନ ବ୍ୟବସ୍ଥା କରାଯିବ ବୋଲି ଉଲ୍ଲେଖ କରାଯାଇଛି । ଉକ୍ତ ଘରୋଇ ସଂସ୍ଥା ଏକ ନୂଆ ସଂସ୍ଥା ହୋଇଥିବା ବେଳେ ତାହାର ସର୍ଭେ ଜନିତ କୌଣସି ଅଭିଜ୍ଞତା ନଥିବାରୁ ଗ୍ରାମବାସୀମାନେ ଆଶଙ୍କା କରି ଏହା ପ୍ରକାଶ କରିଛନ୍ତି । ଏହି ବିଷୟ ବସ୍ତୁକୁ ନେଇ ଗତ ତା ୧୭/୦୩/୨୦୨୪ ରିଖରେ ଅନୁଷ୍ଠିତ ହୋଇଥିବା ବୈଠକରେ ନିଷ୍ପତି ଅନୁଯାୟୀ ଉକ୍ତ ପତ୍ରକୁ ଗ୍ରାମବାସୀ ତରଫରୁ ନିନ୍ଦା କରିବା ସହ ପ୍ରତ୍ୟାଖାନ କରାଯାଇଛି। ତେବେ ଗ୍ରାମବାସୀ ଏମସିଏଲ କର୍ତୃପକ୍ଷଙ୍କୁ ସର୍ବଦା ସ୍ୱାଗତ କରିବେ, କିନ୍ତୁ କୌଣସି ଘରୋଇ ସଂସ୍ଥାକୁ ନିଜର ଜମି ପ୍ରଦାନ କରିବେ ନାହିଁ ବୋଲି ପ୍ରକାଶ କରିବା ସହ ଜମି ଅଧିଗ୍ରହଣ ସମ୍ବନ୍ଧରେ କୌଣସି ଘରୋଇ ସଂସ୍ଥାକୁ ସର୍ବେକ୍ଷଣ ପାଇଁ ଅନୁମତି କିମ୍ବା ସହଯୋଗ କରିବେ ନାହିଁ । ଏଣୁ ଉପରୋକ୍ତ ସମସ୍ୟା ସମ୍ବନ୍ଧରେ ଜିଲ୍ଲା ପ୍ରଶାସନ, ରାଜ୍ୟ ସରକାର, ଲୋକପ୍ରତିନିଧି ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ କରାଯାଇ ଗ୍ରାମବାସୀଙ୍କୁ ପ୍ରଦାନ କରାଯିବାକୁ ଥିବା କ୍ଷତିପୂରଣ ରାଶି, ପୁନର୍ବାସ ଓ ଥଇଥାନ ସୁବିଧା ଏବଂ ନିଯୁକ୍ତିର ରୂପରେଖ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ସମସ୍ତ ସୁବିଧା ଏମସିଏଲ ଦ୍ୱାରା ପ୍ରଦାନ କରାଯିବା ପାଇଁ ନିଷ୍ପତି ଗ୍ରହଣ କରାଯାଉ । ଏହାପରେ ଏମସିଏଲ ଦ୍ୱାରା ହେବାକୁ ଥିବା ଡ୍ରୋନ ଦ୍ୱାରା ସର୍ବେକ୍ଷଣ କିମ୍ବା ମାପଚୁପ କରାଯିବ । ସେ ପର୍ଯ୍ୟନ୍ତ ଗ୍ରାମବାସୀମାନେ କୌଣସି ଡ୍ରୋନ୍ ଦ୍ୱାରା ସର୍ବେକ୍ଷଣ କିମ୍ବା ମାପଚୁପକୁ ବିରୋଧ କରିବା ସହ କୌଣସି ଘରୋଇ ସଂସ୍ଥା କିମ୍ବା କର୍ମଚାରୀଙ୍କୁ ଗ୍ରାମକୁ ଆସିବା ପାଇଁ ଅନୁମତି ପ୍ରଦାନ କରାଯିବ ନାହିଁ । କୌଣସି ଅଘଟଣ କିମ୍ବା ଅସୁବିଧା ସୃଷ୍ଟି ହେଲେ ଏମସିଏଲ କର୍ତୃପକ୍ଷ ଦାୟୀ ରହିବେ ବୋଲି ପଞ୍ଚାୟତବାସୀ ପ୍ରକାଶ କରିଛନ୍ତି । ଏହି ଦାବୀପତ୍ରର ଏକାକିତ ନକଲ ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ଉତରାଞ୍ଚଳ ଆରଡିସି, ଢେଙ୍କାନାଳ ସାଂସଦ, ତାଳଚେର ବିଧାୟକ, ହିଙ୍ଗୁଳା କ୍ଷେତ୍ର ମହାପ୍ରବନ୍ଧକ ଏବଂ ପୋଲିସ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏହି ଦାବୀପତ୍ର ପ୍ରଦାନ ସମୟରେ କୁମୁଣ୍ଡା ପଞ୍ଚାୟତ ସରପଞ୍ଚ ବବିତା ସେଠ, ସନ୍ତୋଷ କୁମାର ପ୍ରଧାନ, ବଳଭଦ୍ର କୋଇଲାଖଣି କ୍ଷତିଗ୍ରସ୍ତ ପ୍ରଜାସଂଘର ସଭାପତି ଭୁବନାନନ୍ଦ ପ୍ରଧାନ, ବେଣୁଧର ବେହେରା, ପ୍ରଦୀପ କୁମାର ସାହୁ, ବିଭୁତି ଭୁଷଣ ପ୍ରଧାନ, ୱିନୋଦ ପ୍ରଧାନ ଓ ଦୁଃଶାସନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ମହିଳାଙ୍କଠାରୁ ଝାମ୍ପି ନେଲେ ଲକ୍ଷେ

ବାଲେଶ୍ୱର , (ସବ୍ୟୁ) : ମଙ୍ଗଳବାର ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ବଡ଼ବଜାର-ଅଗ୍ରଓ୍ୱାଲା ରାସ୍ତାର ଚନ୍ଦନା ପାଖରେ ଥିବା ପାର୍ବତୀ ଇଟାଭାଟି ନିକଟରୁ ଜଣେ ମହିଳାଙ୍କଠାରୁ ୧ ଲକ୍ଷ ୫ ହଜାର ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଲୁଟ୍‌ର ଶିକାର ହୋଇଥିବା ମହିଳାଙ୍କ ନାଁ ମଞ୍ଜୁଲତା ପାଳ। ତାଙ୍କ ଘର ଜଳେଶ୍ୱର ବ୍ଲକ୍ ଦକ୍ଷିଣ ପ୍ରହରାଜପୁର ପଞ୍ଚାୟତର ପ୍ରହରାଜପୁର ଗାଁରେ। ମଙ୍ଗଳବାର ଦିନ ପ୍ରାୟ ୧୧ଟା ବେଳେ ସେ ତାଙ୍କ ପଡ଼ୋଶୀ ବିଜୟ ମହାନ୍ତିଙ୍କ ସହିତ ଜଳେଶ୍ୱର ସ୍ଥିତ ଷ୍ଟେଟ ବ୍ୟାଙ୍କ ଶାଖାକୁ ଆସିଥିଲେ। କୌଣସି କାର୍ଯ୍ୟ ପାଇଁ ସେ ବ୍ୟାଙ୍କରୁ ୧ ଲକ୍ଷ ୫ ହଜାର ଟଙ୍କା ଉଠାଇ ଥିଲେ। ଦିନ ପ୍ରାୟ ସାଢ଼େ ୧୨ଟା ବେଳେ ସେ ଗାଁ ଅଭିମୁଖେ ଫେରୁଥିବା ବେଳେ ଜଳେଶ୍ୱର ବଡ଼ବଜାର-ଅଗ୍ରଓ୍ୱାଲା ରାସ୍ତାର ଚନ୍ଦନା ପାଖରେ ଥିବା ପାର୍ବତୀ ଇଟାଭାଟି ନିକଟରେ ଦୁଇ ଜଣ ଦୁର୍ବୃତ୍ତ ତାଙ୍କଠାରୁ ସମସ୍ତ ଟଙ୍କା ଲୁଟ୍ କରି ନେଇଥିଲେ। ଉକ୍ତ କଳା ପଲସରରେ ୨ ଜଣ ଦୁର୍ବୃତ୍ତ ଆସିଥିଲେ। ସେମାନେ ହେଲମେଟ ପିନ୍ଧିଥିଲେ। ସେମାନେ ପଛ ପଟୁ ଆସି ମଞ୍ଜୁଲତାଙ୍କ ହାତରୁ ଟଙ୍କା ଭର୍ତ୍ତି ବ୍ୟାଗ୍ ଛଡ଼ାଇ ନେଇଥିଲେ। ଏହି ଘଟଣା ନେଇ ଅଭିଯୋଗ ପାଇବା ପରେ ପୁଲିସ୍ ତଦନ୍ତ ଆରମ୍ଭ କରିଛି।

## ପ୍ରଘଟ ହେଉଛି ବାର୍ଷିକ ପରୀକ୍ଷା ପ୍ରଶ୍ନପତ୍ର

# ୟୁଟ୍ୟୁବରେ ବୁଲୁଛି ଉତ୍ତର, ଚିନ୍ତାରେ ମେଧାବୀ ଛାତ୍ରଛାତ୍ରୀ

ଅସୁରାଳି, (ସବ୍ୟୁ): ସମ୍ପ୍ରତି ଚାଲିଥିବା ବିଦ୍ୟାଳୟସ୍ତରୀୟ ବାର୍ଷିକ ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ ହେଉଥିବା ଜଣାପଡ଼ିଛି। ୟୁଟ୍ୟୁବରେ ପ୍ରଶ୍ନ ସହିତ ଉତ୍ତର ଭାଇରାଲ୍ ହେଉଥିବା ବେଳେ ଏଭଳି ଘଟଣା ମେଧାବୀ ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ମିଳିଥିବା ସୂଚନା ଅନୁସାରେ ଓଡିଶା ସ୍କୁଲ ଏଜୁକେସନ ପ୍ରୋଗ୍ରାମ ଅଥୋରଟି (ଓସେପା) ଦ୍ୱାରା ପରିଚାଳିତ ପ୍ରଥମ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବାର୍ଷିକ ପରୀକ୍ଷା ସମଗ୍ର ରାଜ୍ୟରେ ଜାରି ରହିଛି। ମାର୍ଚ୍ଚ ମାସ ୧୫ ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି ପରୀକ୍ଷାରେ ଏପର୍ଯ୍ୟନ୍ତ ସାହିତ୍ୟ, ଗଣିତ, ବିଜ୍ଞାନ, ଇତିହାସ, ସଂସ୍କୃତ ଆଦି ପ୍ରମୁଖ ବିଷୟ ସରିଛି। ଆଚାର୍ଯ୍ୟ ଚକିତ କଲା ଭଳି ବିଦ୍ୟାଳୟସ୍ତରୀୟ ଏହି ପରୀକ୍ଷାରେ ପ୍ରତ୍ୟେକ ବିଷୟର ପ୍ରଶ୍ନ ଓ ଏହାର ଉତ୍ତର ୟୁଟ୍ୟୁବ ଜରିଆରେ ଉପଲବ୍ଧ ହେଉଛି। ୟୁଟ୍ୟୁବରେ ଯେଉଁ ପ୍ରଶ୍ନ ଓ ଉତ୍ତର ଆସୁଛି ତାହା ପିଲାଙ୍କୁ ପରୀକ୍ଷା କେନ୍ଦ୍ରରେ ଦିଆଯାଉଥିବା ପ୍ରଶ୍ନ ପତ୍ର ସହିତ ବହୁତ ମାତ୍ରାରେ ମେଳ ଖାଉଥିବା କୁହାଯାଇଛି। ଏପରି ହେବା ଫଳରେ ଅଧିକାଂଶ ଛାତ୍ରଛାତ୍ରୀ ୟୁଟ୍ୟୁବରୁ ସଂଗ୍ରହ ହୋଇଥିବା ପ୍ରଶ୍ନ ଏବଂ ଉତ୍ତରରୁ ପ୍ରସ୍ତୁତ ହୋଇ ପରୀକ୍ଷା ଦେଉଛନ୍ତି। ଏହି ଘଟଣା ଜଣାପଡିବା ପରେ ପରିଶ୍ରମ କରି ପାଠ ପଢୁଥିବା ଛାତ୍ରଛାତ୍ରୀ, ସେମାନଙ୍କ ଅଭିଭାବକ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଭିତରେ ନିରୁତ୍ସାହ ଦେଖିବାକୁ ମିଳିଛି। ମାଟ୍ରିକ୍ କିମ୍ବା ଯୁକ୍ତ ଦୁଇ ଭଳି ପରୀକ୍ଷା ଠାରୁ ଅପେକ୍ଷାକୃତ କମ ଗୁରୁତ୍ୱ କୁହାଯାଉଥିବା ସ୍କୁଲ ପରୀକ୍ଷାରେ ପ୍ରଶ୍ନ ଉତ୍ତର ଘୁରି ବୁଲିବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ସ୍କୁଲ ଓ ଗଣଶିକ୍ଷା ବିଭାଗ ସାରା ରାଜ୍ୟରେ ଏକ ସମୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ ବାର୍ଷିକ ପରୀକ୍ଷା କରାଉଥିବା ବେଳେ କିପରି ପ୍ରଶ୍ନ ପତ୍ର ଲିକ ହୋଇ ଉତ୍ତର ସହିତ ୟୁଟ୍ୟୁବରେ ଘୁରି ବୁଲୁଛି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହା କୋମଳମତି ଛାତ୍ରଛାତ୍ରୀଙ୍କୁ ପ୍ରଭାବିତ କରିବା ଭଳି ଆଶଙ୍କା ପ୍ରକାଶ ପାଉଛି। ଏ ନେଇ ଧାମନଗର ବ୍ଲକ ଶିକ୍ଷାଧିକାରୀ ଗଦାଧର ଜେନାଙ୍କୁ ପଚାରିବାରୁ ସେ ଏଭଳି ଘଟଣା ବିଷୟରେ କିଛି ଜାଣି ନଥିବା କହିଛନ୍ତି।

# ଟ୍ରାକରେ କରୁଥିଲେ ରିଲ୍ସ, ଚଢ଼ିଗଲା ନୀଳାଚଳ ଏକ୍ସପ୍ରେସ୍

ବାଲେଶ୍ୱର , (ସବ୍ୟୁ) : ଟ୍ରେନ୍ ଟ୍ରାକରେ ଶୋଇ ଇନ୍‌ଷ୍ଟା ରିଲ୍ସ କରୁଥିଲେ। ଚଢ଼ିଗଲା ନୀଳାଚଳ ଏକ୍ସପ୍ରେସ୍। ମଙ୍ଗଳବାର ଅପରାହ୍ନରେ ଏପରି ମର୍ମନ୍ତୁଦ ଦୁର୍ଘଟଣା ବାଲେଶ୍ୱର ଜିଲ୍ଲା ସବିରା ରେଳ ଷ୍ଟେସନ୍ ନିକଟରେ ଘଟିଛି। ଅପରାହ୍ନରେ ସବିରା ରେଳ ଷ୍ଟେସନ ନିକଟସ୍ଥ ରେଳ ଧାରଣାରେ ଭଦ୍ରକ ଜିଲ୍ଲା ବାଣିତିଆ ଗାଁର ଅକ୍ଷୟ ପାତ୍ର ଓ ତାଙ୍କର ୫ ଜଣ ସାଥୀ ମିଶି ରିଲ୍ସ କରୁଥିଲେ। ଠିକ୍ ସେତିକି ବେଳେ ସେହି ଲାଇନରେ ଯାଉଥିବା ନୀଳାଚଳ ଏକ୍ସପ୍ରେସ୍ ଅକ୍ଷୟଙ୍କୁ ପଛରୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ହେଲେ ତାଙ୍କ ସାଥୀମାନେ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ଖବର ପାଇ ଆରପିଏଫ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁସାରେ ଅକ୍ଷୟ ଜଣେ ଡ୍ୟାନ୍ସର । ସେ ଯାତ୍ରା ପାର୍ଟିରେ ଡ୍ୟାନ୍ସ କରନ୍ତି। ସେ ଅନ୍ୟ ଯୁବକଙ୍କ ସହି ଡ୍ୟାନ୍ସ କରିବା ପାଇଁ ଆସିଥିଲେ। ତା'ପୂର୍ବରୁ ରିଲ୍ସ କରିବା ପାଇଁ ସାଥୀଙ୍କ ସହ ଟ୍ରେନ୍ ଲାଇନ୍‌କୁ ଯାଇଥିଲେ। ହେଲେ ଦୁର୍ଭାଗ୍ୟକୁ ନୀଳାଚଳ ଏକ୍ସପ୍ରେସ ନେଇଗଲା ଅକ୍ଷୟଙ୍କ ଜୀବନ। ଆଉ ବାପା-ମାଆଙ୍କ କୋଳରୁ ଛଡ଼ାଇ ନେଲା ଏକମାତ୍ର ପୁଅ।

## ଆକ୍ସନ ମୁଡରେ ବନବିଭାଗ

# ଆଜିଠୁ କୁଳଡିହାରେ କମ୍ବିଂ ଅପରେସନ

ବାଲେଶ୍ୱର , (ସବ୍ୟୁ) : କୁଳଡିହା ଅଭୟାରଣ୍ୟରେ ଶିକାରୀଙ୍କ ଗୁଳିରେ ଦୁଇ ବନ କର୍ମଚାରୀ ଗୁରୁତର ହେବା ପରେ ଆକ୍ସନ ମୁଡ୍‌କୁ ଚାଲି ଆସିଛି ବନ ବିଭାଗ । ଶିମିଳିପାଳ ଟାଇଗର ପ୍ରୋଟେକ୍ସନ ଫୋର୍ସ ଓ ଏକ୍ସ ଆର୍ମି ଟିମ କାଲି (ବୁଧବାର)ସକାଳୁ କୁଳଡିହା ଅଭୟାରଣ୍ୟରେ ମିଳିତ କମ୍ବିଂ ଆରମ୍ଭ କରିବେ ବୋଲି ସୂଚନା ଦେଇଛନ୍ତି ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ। କୁଳଡିହା ଅଭୟାରଣ୍ୟରେ ଆରମ୍ଭ ହେବ କମ୍ବିଂ ଅପରେସନ। ଯିଏ ଚୋରା ବନ୍ଧୁକ ରଖିଛନ୍ତି, ତୁରନ୍ତ ସରେଣ୍ଡର କରିବାକୁ ଚେତାବନୀ ଦେଇଛି ଅଧିକାରୀ। ସୋମବାର ବିଳମ୍ବିତ ରାତିରେ ପାଟ୍ରୋଲିଂ ବେଳେ ଶିକାରୀ ଗୁଳିରେ ଦୁଇ ବନ କର୍ମଚାରୀ ଗୁରୁତର ହୋଇଥିଲେ। ସେମାନଙ୍କୁ କଟକ ବଡ ମେଡିକାଲରେ ଭର୍ତ୍ତି କରାଯାଇଛି। ଏହାପରେ ବନ ବିଭାଗ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ସେହିପରି ବନ୍ୟପ୍ରାଣୀ ପିସିସିଏଫ୍ କହିଛନ୍ତି, ଶିକାରୀ ଗୁଳିରେ ଆହତ ହୋଇ ଚିକିତ୍ସିତ ହେଉଥିବା ଦୁଇ ବନ କର୍ମଚାରୀ ବିପଦମୁକ୍ତ ଅଛନ୍ତି । ଜଣଙ୍କ ଶରୀରରେ ଛରା ବନ୍ଧୁକର ଗୁଳି ଲାଗିଛି । ଅପରେସନ କରି ଗୁଳି ବାହାର କରାଯିବ।

## ଯାଦବ ଭବନ ନିର୍ମାଣ ପାଇଁ ଜମି

# ମିଳିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ପ୍ରଦାନ



ବାଲେଶ୍ୱର, (ସବ୍ୟୁ) : ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଠାରେ ଯାଦବ ଭବନ ନିର୍ମାଣ ନିମନ୍ତେ ରାଜ୍ୟ ସରକାର ମୁଲ୍ୟବାନ ଜମି ପ୍ରଦାନ କରିଥିବାରୁ ଉତ୍କଳ ଯାଦବ ମହାସଭା ବାଲେଶ୍ୱର ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇ ଏକ ସ୍ମାରକ ପତ୍ର ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି । ରାଜଧାନୀ ଭୁବନେଶ୍ୱରରେ ଏହି ଭବନ ନିର୍ମାଣ ହେଲେ ଓଡ଼ିଶାର କୋଣ ଅନୁକୋଣରୁ ରାଜଧାନୀ ଭୁବନେଶ୍ୱରରୁ ଆସୁଥିବା ଯାଦବ ପରିବାରର ଲୋକମାନେ ଏହି ଭବନକୁ ବ୍ୟବହାର କରିପାରିବେ । ଏଥିପାଇଁ ଉତ୍କଳ ଯାଦବ ମହାସଭାର ରାଜ୍ୟ ନେତୃତ୍ୱମାନଙ୍କୁ କୃତଜ୍ଞତା ଜ୍ଞାପନ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ପ୍ରଦାନ କରାଯାଇଛି। ଏହି ସ୍ମାରକପତ୍ର ପ୍ରଦାନ ବେଳେ ମହାସଭାର ଉପଦେଷ୍ଟା ମନୋଜ କୁମାର ଦାସ, ସଭାପତି କାର୍ତ୍ତିକ ବେହେରା, କାର୍ଯ୍ୟକାରୀ ସଭାପତି ଶଙ୍କର୍ଷଣ ବାରିକ, ସାଧାରଣ ସମ୍ପାଦକ ସୁଶୋଭନ ବାରିକ, ସାଂଗଠନିକ ସମ୍ପାଦକ ଶୀତଲ ପ୍ରସାଦ ଯାଦବ, କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ଦାସ, ନଳିନୀ ରଂଜନ ଦାସ, ଶଶୀକାନ୍ତ ବାରିକ, ସୌମ୍ୟରଂଜନ ଯାଦବ, ଜୟହିନ୍ଦ୍ ଯାଦବ ପ୍ରମୁଖ ଉପସ୍ଥିତ ଥିଲେ ।

# ବାଙ୍ଗରାରେ ପାସେଞ୍ଜର ହଲ୍ଟ ପାଇଁ ଆରମ୍ଭ ହେଲା ସର୍ଭେ



ବାଲେଶ୍ୱର, (ସବ୍ୟୁ) : କୁରୁଡ଼ା ନିକଟବର୍ତ୍ତୀ ବାଙ୍ଗରା ଲେଭେଲ କ୍ରସିଂ ଠାରୁ ୩ଶହ ମିଟର ଦୂରରେ ଏକ ପାସେଞ୍ଜର ହଲ୍ଟ ନିର୍ମାଣ ଲାଗି ମଙ୍ଗଳବାର ମଧ୍ୟାହ୍ନରେ ଦକ୍ଷିଣପୂର୍ବ ରେଳବାଇର ଡିଆର୍‌ଏମ୍‌ଙ୍କ ନିର୍ଦ୍ଦେଶକ୍ରମେ ଗ୍ରାଉଣ୍ଡ ଜିରୋରେ ସର୍ଭେକାମ ଆରମ୍ଭ ହୋଇଛି । ଏଠାରେ ଉଲ୍ଲେଖଯୋଗ୍ୟ ୨୦୧୮ ମସିହାରେ ସାମାଜିକ ନ୍ୟାୟ ଅଧିକାର ମଂଚର ସଭାପତି ବିଧାନ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଏହି ସ୍ଥାନରେ ପାସେଞ୍ଜର ହଲ୍ଟ ନିର୍ମାଣ ଏବଂ ବାଙ୍ଗରା ଲେଭେଲ କ୍ରସିଂରେ ଏକ ରେଳ ଓଭର ବ୍ରିଜ୍ ନିର୍ମାଣ ପାଇଁ ଦାବି କରାଯାଇ ବିଭିନ୍ନ ସମୟରେ ଆନ୍ଦୋଳନ ଓ ସତ୍ୟାଗ୍ରହ କରାଯାଇଥିଲା । ତେବେ ମାର୍ଚ୍ଚ ୧୪ ତାରିଖରେ ବାଙ୍ଗରା ରେଳଷ୍ଟେସନ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ରେଳରୋକ କରାଯିବାକୁ ଦକ୍ଷିଣପୂର୍ବ ରେଳବାଇର ଡିଆର୍‌ଏମ୍‌ଙ୍କୁ ଦାବିପତ୍ର ପ୍ରଦାନ କରାଯିବାପରେ ଗତ ୧୩ ତାରିଖରେ କମିଟିର ସଦସ୍ୟମାନେ ଖଡ଼ଗପୁରରେ ପହଞ୍ଚି ଡିଆରଏମ୍‌ଙ୍କ ସହିତ ଆଲୋଚନା କରିବା ପରେ ରେଳଷ୍ଟେସନ ନିର୍ମାଣ ଲାଗି ଲିଖିତ ପ୍ରତିଶୃତି ପାଇଥିଲେ । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଦିନ ବାଲେଶ୍ୱରରେ ଅବସ୍ଥାପିତ ରେଳବାଇ ଓ୍ୱାର୍କ୍ସର ବରିଷ୍ଠ ସେକସନ୍ ଇଞ୍ଜିନିୟର ରାଜେନ୍ଦ୍ର କୁମାର ପଞ୍ଜିଆରା, ଡିଟିଆଇ ଏସ୍ କେ ମହାକୁଡ଼, କମରସିଆଲ ଇନ୍ସପେକ୍ଟର ଏସ୍ ସାହା, ସିନିୟର ସେକ୍ସନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର ଅର୍ଜୁନ ମିଞ୍ଜ ପ୍ରମୁଖ ଘଟଣାସ୍ଥଳରେ ପହଁଞ୍ଚି ପାସେଞ୍ଜର ହଲ୍ଟ ନିର୍ମାଣ ବାବଦରେ ଅନୁଧ୍ୟାନ କରିଥିଲେ । ଏଥିପାଇଁ ଲୁପ୍ ଲାଇନ୍‌ର ଆବଶ୍ୟକତା ଥିବା ଜଣାପଡ଼ିଛି । ପ୍ରଥମ ପର୍ଯ୍ୟାୟରେ ୪ଶହ ମିଟର ଦୈର୍ଘ୍ୟର ରେଳଷ୍ଟେସନ, ପ୍ଲାଟଫର୍ମ ନିର୍ମାଣ କରାଯିବ ବୋଲି ଜଣାପଡ଼ିଛି । ଏଠାରେ ପାସେଞ୍ଜର ହଲ୍ଟ ନିର୍ମାଣ ହେଲେ ବାଙ୍ଗରା, କୁରୁଡ଼ା, ହରିଡ଼ା, ସାଉଁ, ଗେଙ୍ଗୁଟି ଆଦି ୪୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ, ଶିଳ୍ପାଞ୍ଚଳର ଶ୍ରମିକ , ୫ଟି ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଉପକୃତ ହେବେ ବୋଲି କ୍ରିୟାନୁଷ୍ଠାନ କମିଟିର ଆବାହକ ବିଧାନଚନ୍ଦ୍ର ଜେନା କହିଛନ୍ତି । ଆଜିର ସର୍ଭେ ସମୟରେ କମିଟି ପକ୍ଷରୁ ସତ୍ୟନାରାୟଣ ଆଚାର୍ଯ୍ୟ ଅଞ୍ଜନ କୁମାର ନାୟକ, ନିରଂଜନ ଦାସ, କୁରୁଡ଼ା ସରପଞ୍ଚ ତାପସ ପାଣିଗ୍ରାହୀଙ୍କ ସମେତ ଗ୍ରାମବାସୀମାନେ ଉପସ୍ଥିତ ଥିଲେ । ଅନ୍ୟପକ୍ଷରେ ଏଠାରେ ପାସେଞ୍ଜର ହଲ୍ଟ ହେଲେ ପ୍ରତିଦିନ କେତେ ଯାତ୍ରୀ ଟ୍ରେନ୍‌ରେ ଯାତାୟତ କରିବେ ଓ ଟିକେଟ କିଣିବେକି ନାହିଁ ତା ଉପରେ ଅଧିକାରୀମାନେ ଆଲୋଚନା କରିଥିଲେ ।

## ସରପଞ୍ଚ ସ୍ୱାମୀଙ୍କ ମାଡ଼ରେ କୃଷକ ସାଥି ଗୁରୁତର

# ଆନ୍ଦୋଳନକୁ ଓହ୍ଲାଇବ ସଂଘ

ଭୋଗରାଇ, (ସବ୍ୟୁ) :ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଶ୍ରଦ୍ଧାପୁର ପଞ୍ଚାୟତରେ ଏକ ଅଭାବନୀୟ ଘଟଣା ଘଟିଛି । ଏହି ପଞ୍ଚାୟତର ସରପଞ୍ଚ ପତ୍ୟାଶା ପାତ୍ରଙ୍କ ସ୍ୱାମୀ ଟିଙ୍କୁ ଓରଫ ଚନ୍ଦନ ପାତ୍ର କୃଷକ ସାଥି ଦୀପକ କୁମାର ଭଞ୍ଜଙ୍କୁ ସୋମବାର ରାତି ୮ଟାରେ ପଞ୍ଚାୟତ କାର୍ଯ୍ୟାଳୟକୁ ଡକାଇ ମରଣାନ୍ତକ ଆକ୍ରମଣ କରିଥିବା ଚନ୍ଦନେଶ୍ୱର ଫାଣ୍ଡିରେ ଅଭିଯୋଗ ହୋଇଛି । ଦୀପକ କୁମାର ଭଞ୍ଜଙ୍କ ଅଭିଯୋଗ ମୂଳେ ପୁଲିସ ଏକ ମାମଲାରୁଜୁ କରି ମଙ୍ଗଳବାର ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଜାରି ରଖିଛନ୍ତି । ସୂଚନା ଅନୁଯାୟୀ ଉକ୍ତ ପଞ୍ଚାୟତରେ କାର୍ଯ୍ୟରତ କୃଷକ ସାଥି ଦୀପକ କୁମାର ଭଞ୍ଜଙ୍କୁ ସରପଞ୍ଚଙ୍କ ସ୍ୱାମୀ ଟିଙ୍କୁ ଓରଫ ଚନ୍ଦନ ପାତ୍ର ପଞ୍ଚାୟତ କାର୍ଯ୍ୟାଳୟରେ କାମ ରହିଛି ବୋଲି କହି ଡାକିଥିଲେ । ଶ୍ରୀ ଭଞ୍ଜ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିବା ପରେ କାଳିଆ ଯୋଜନା, ପ୍ରଧାନମନ୍ତ୍ରୀ କିଷାନ ଯୋଜନା କାହା ନିର୍ଦ୍ଦେଶରେ କେଓ୍ୱାଇସି କରୁଛ ବୋଲି ଚନ୍ଦନ ନାଲିଆଖି ଦେଖାଇ କହିବାରୁ ଦୀପକ କହିଥିଲେ ଯେ ସରକାରଙ୍କ ଗାଇଡ୍ ଲାଇନ ଅନୁଯାୟୀ କାର୍ଯ୍ୟ ହେଉଛି । ଏଥିରେ ଉତ୍କ୍ଷିପ୍ତ ହୋଇ ଚନ୍ଦନ କାର୍ଯ୍ୟାଳୟରେ ଥିବା ପ୍ରହରାଜପୁର ଗ୍ରାମର ଜଣେ ଯୁବକଙ୍କୁ ବାହାରକୁ ଯାଇ କବାଟ ବନ୍ଦ କରିଦେବାକୁ କହିଥିଲେ । ବନ୍ଦ କୋଠରୀରେ ଗୋଟିଏ କୋଣରେ ପଡ଼ିଥିବା ଏକ ମୋଟା ପ୍ଲାଷ୍ଟିକ ପାଇପ ଧରି ଦୀପକଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ପିଠି ଓ ଜଙ୍ଘରେ ନିସ୍ଥୁକ ପ୍ରହାର କରିବା ସହ ଗୁପ୍ତାଙ୍ଗରେ ଗୋଇଠା ମାରିଥିବା ଫାଣ୍ଡିରେ ଅଭିଯୋଗ ହୋଇଛି । ଦୀପକଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରେ ପହଞ୍ଚଁତ୍ୟିବାରୁ ପଞ୍ଚାୟତ କାର୍ଯ୍ୟାଳୟ କୋଠରୀ ବାହାରେ ଜଗିଥିବା ଯୁବକ ବାହାର କବାଟ ଖୋଲିଦେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ । ମାଡ଼ ଖାଇଥିବା କୃଷକ ସାଥି ଦୀପକ କୁମାର ଭଞ୍ଜ ଜୀବନ ବିକଳରେ ସେଠାରୁ ଖସିଆସି ଗାଁ ଲୋକଙ୍କ ସହାୟତାରେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାଧିନ ରହିଛନ୍ତି । ଏହି ଘଟଣା ପ୍ରଚାର ହେବାପରେ ସରପଞ୍ଚଙ୍କ ସ୍ୱାମୀଙ୍କ ଏତାଦୃଶ ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି । ଏହି ଘଟଣାକୁ ନେଇ ବୁଧବାର ଦିନ ଭୋଗରାଇ ବ୍ଲକ କୃଷି ସୂଚନା କେନ୍ଦ୍ରରେ କୃଷକ ସାଥି ସଂଘ ପକ୍ଷରୁ ଏକ ଜରୁରୀ ବୈଠକ ଡକାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯିବା ସହ କୃଷକ ସାଥିମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସଂଘର ସମ୍ପାଦକ ବିମଳ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି । ସରକାର ମହିଳାମାନଙ୍କୁ ପୁରୁଷଙ୍କ ସହିତ ସମକକ୍ଷ ହେବା ନିମନ୍ତେ ମହିଳାଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ ଆଗକୁ ନେଉଥିବା ବେଳେ ଅଧିକାଂଶ ଜନପ୍ରତିନିଧି ମହିଳା ଅପାରଗ କିମ୍ବା ସ୍ୱାମୀଙ୍କ ରବରଷ୍ଟାମ୍ପ ଭାବେ କାର୍ଯ୍ୟ କରୁଥିବାରୁ ପଞ୍ଚାୟତରାଜ ବ୍ୟବସ୍ଥାର ସୁଫଳ ସାଧାରଣ ଜନତା ପାଇପାରୁ ନାହାଁନ୍ତି ବୋଲି ବହୁ ରାଜନୈତିକ ସମୀକ୍ଷକମାନେ ମତବ୍ୟକ୍ତ କରିଛନ୍ତି ।

## ଦୁଷ୍କର୍ମ ଅଭିଯୁକ୍ତ କୋର୍ଟଚାଲାଣ

କରଞ୍ଜିଆ , (ସବ୍ୟୁ) :ଜୈନିକ ମହିଳାଙ୍କ ସ୍ୱାମୀ ଘରେ ନଥିବା ବେଳେ ଏହାର ସୁଯୋଗ ନେଇ କରଞ୍ଜିଆ ବ୍ଲକ ଦରି ପଞ୍ଚାୟତ କାଠ କରଞ୍ଜିଆ ଗ୍ରାମର ଅର୍ଜୁନ ନାଏକ (୨୮) ପିତା କପିଳ ନାଏକ ରାତିରେ ତାଙ୍କ ଘରେ ପଶି ମହିଳାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ କରଞ୍ଜିଆ ଥାନାରେ ହୋଇଥିଲା। ସୂଚନାଯୋଗ୍ୟ ଯେ ଗତ ୧୧ ତାରିଖରେ ଏହି ଘଟଣାଟି ହୋଇଥିଲା। ଅଭିଯୋଗକୁ ଆଧାର କରି କରଞ୍ଜିଆ ଥାନା ଭାରପ୍ରାପ୍ତ ଅଧିକାରୀ ନିରଜ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶ ମତେ ତଦନ୍ତକାରୀ ଅଧିକାରୀ ସହକାରୀ ଇନ୍ସପେକ୍ଟର ଭାରତୀ ବାରିକ କାଠ କରଞ୍ଜିଆ ଗ୍ରାମରୁ ସୋମବାର ଦିନ ଅଭିଯୁକ୍ତ ଅର୍ଜୁନକୁ ଗିରଫକରି ୧୦୦/୨୪ ନମ୍ବର କେଶ୍ ରୁଜୁ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛନ୍ତି ଏବଂ ଅଧିକ ତଦନ୍ତ ଜାରି ରଖିଛନ୍ତି।

## ହଟିଲା ଦଳୀୟ ହୋଡିଙ୍ଗ, ବ୍ୟାନର ଓ ପୋଷ୍ଟର

କରଞ୍ଜିଆ , (ସବ୍ୟୁ) :ସାଧାରଣ ର୍ନିବାଚନ ୨୦୨୪ ପାଇଁ ମୁଖ୍ୟ ର୍ନିବାଚନ କମିଶନର ତାରିଖ ଘୋଷଣା କରିବା ପରେ ର୍ନିବାଚନ ଆଚରଣ ସଂହିତା ଲାଗୁ ହୋଇଛି। ତେଣୁ ନିୟମ ଅନୁସାରେ କରଞ୍ଜିଆ ସହରାଞ୍ଚଳ ମଧ୍ୟରେ ଥିବା ବିଭିନ୍ନ କାର୍ଯ୍ୟାଳୟ,ଛକ ସ୍ଥାନରେ ଲାଗି ଥିବା ଦଳୀୟ ହୋଡିଙ୍ଗ,ବ୍ୟାନର ଓ ପୋଷ୍ଟର ହଟାଇବା କାର୍ଯ୍ୟ ଆରମ୍ଭ ହୋଇଛି। ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଲାଗିଥିବା ହୋଡିଙ୍ଗ ବ୍ୟାନର ଓ ପୋଷ୍ଟର ନୋଡାଲ ଅଧିକାରୀ ଲଳିତ କୁମାର ନାୟକଙ୍କ ନିର୍ଦ୍ଦେଶ ମତେ ସୁଧିର କୁମାର ସାହା,ଭରତ ତଥା କାର୍ଯ୍ୟାଳୟର ଅନ୍ୟ କର୍ମଚାରୀ ମାନେ ଉଠାଇବା ବ୍ୟବସ୍ଥା କରିଥିଲେ। ତେବେ ପର୍ଯ୍ୟାୟ କ୍ରମରେ ୨୪-୭୨ ଘଣ୍ଟା ମଧ୍ୟରେ ସମସ୍ତ ହୋଡିଙ୍ଗ ବ୍ୟାନର ଓ ପୋଷ୍ଟର ବିଭିନ୍ନ ସରକାରୀ, ବେସରକାରୀ କାର୍ଯ୍ୟାଳୟ ଓ ସହରର ଅନ୍ୟାନ୍ୟ ସ୍ଥଳୀରୁ ଉଠାଇବାକୁ ବ୍ୟବସ୍ଥା କରାଯାଉଛି ବୋଲି ଶ୍ରୀ ନାଏକ ସୂଚନା ଦେଇଛନ୍ତି।

## ଶଙ୍ଖ ଧରିଲେ ପୌରାଧ୍ୟକ୍ଷ ମାଧବ

ସୋର, (ସବ୍ୟୁ): ଗତ ୧୨ ତାରିଖ ଦିନ ହଠାତ୍ ସୋର ପୌରାଧ୍ୟକ୍ଷ ମାଧବ ଧଡ଼ା ବିଜେପିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇ ସୋର ରାଜନୈତିକ ମହଲରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲେ। ଏହି ଉପଲକ୍ଷେ ଏକ ସମ୍ବାଦିକ ସମ୍ମିଳନୀରେ ସେ ନିଜର କ୍ଷୋଭ ପ୍ରକାଶ କରି ଦଳରେ ଅଣଦେଖା ହୋଇଥିବା ବୟାନ ଦେଇଥିଲେ। ଶ୍ରୀ ଧଡ଼ା ତାଙ୍କ ଇସ୍ତଫା କାରଣ ସଂପର୍କରେ ସୂଚନା ଦେଇଥିଲେ ଯେ ଭଦ୍ରକରେ ବିଜେପି ମଣ୍ଡଳ ବୈଠକରେ ସୋର ବିଧାୟକ ପ୍ରାର୍ଥୀ ଚୟନ ପ୍ରକ୍ରିୟା ପାଇଁ ଅଭିମତ ସଂଗ୍ରହ ବେଳେ ତାଙ୍କୁ ଏକ ପ୍ରକାର କୋଣଠେସା କରାଯାଇଥିବା ଅଭିଯୋଗ ଆଣିଥିଲେ। ୮ ଦିନ ପରେ ଏବେ ସୋର ବିଧାୟକ ପର୍ଶୁରାମ ଧଡ଼ାଙ୍କ ଉପସ୍ଥିତିରେ ବିଧାୟକ ପ୍ରତାପ ଜେନାଙ୍କ ନେତୃତ୍ୱରେ ସେକ୍ ଲିୟାକତ୍ ଅଲ୍ଲୀ, ଜନ୍ମେଜୟ ପଣ୍ଡା ଓ ଦିଲ୍ଲୀପ କରଙ୍କ ସହିତି ବିଜେଡ଼ିରେ ସାମିଲ ହେବା ଫଳରେ ସୋରରେ ରାଜନୈତିକ ହଟଚମଟ ଦେଖାଦେଇଛି। ଦଳବଦଳ ନିୟମ ଅନୁସାରେ ଦଳ ତାଙ୍କ ପଦବୀକୁ ରଦ୍ଦ କରିପାରିବ କି ନାହିଁ, କିମ୍ବା ଆହୁରି ୬ ମାସ ପର୍ଯ୍ୟନ୍ତ ଅନାସ୍ଥା ପ୍ରସ୍ତାବ ପାଇଁ ଅପେକ୍ଷା କରିବା ପଡ଼ିବ ତାହା ଏବେ ବିଜେପି ତରଫରୁ ଆଇନଗତ ତର୍ଜମା ଆରମ୍ଭ ହୋଇଛି।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ବନ୍ତ,(ସବ୍ୟୁ):ବନ୍ତ ବ୍ଲକ ନିଳୋକ ପଞ୍ଚାୟତ ଘରପଦା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ବୁଦ୍ଧିରାମ ଖିଲାର(୬୫)ଙ୍କର ପରଲୋକ ଘଟିଛି । ଗତ କିଛି ମାସ ସେ କିଡ୍‌ନି ଜନିତ ରୋଗରେ ପିଡିତ ଥାଇ ଚିକିତ୍ସିତ ହେଉଥିଲେ । ମଙ୍ଗଳବାର ଚିକିତ୍ସା ପାଇଁ ଭଦ୍ରକ ଯାଇଥିବା ବେଳେ ତାଙ୍କର ମୃତ୍ୟୁ ଘଟିଛି । ମୃତ୍ୟୁ ଶର୍ଯ୍ୟା ନିକଟରେ ପତ୍ନୀ, ୩ ପୁଅ ସୁଶାନ୍ତ, ସନ୍ତୋଷ, ପ୍ରଶାନ୍ତ, ପୁତ୍ରବଧୂ, ଝିଅ ପ୍ରତିମା, ଜ୍ୱାଇଁ, ପୁତୁରା ରତିକାନ୍ତ, ମୁକ୍ତିକାନ୍ତ, ପୁତୁରା ବୋହୂ, ନାତି, ନାତୁଣୀ, ଶାଳକଙ୍କ ସମେତ ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ । ମର ଶରୀରକୁ ଗ୍ରାମ ପରିକ୍ରମା କରାଯାଇ ଅନ୍ତିମ ସତ୍କାର କରାଯାଇଥିଲା । ବଡପୁଅ ସୁଶାନ୍ତ ମୁଖାଗ୍ନି ଦେଇଥିଲେ । ସେ ମାଲକାନଗିରିର ଏମ.ଭି ୬୪ରେ ଦୀର୍ଘ ବର୍ଷ ହେବ ଶିକ୍ଷକତା ଜୀବନ ବିତାଇ ଅବସର ନେଇଥିଲେ । ସେ ଜଣେ କର୍ତ୍ତବ୍ୟନିଷ୍ଠ, ଛାତ୍ରବତ୍ସଳ, ପରୋପକାରୀ ଶିକ୍ଷକ ଥିଲେ । ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି ।

## ବିଜେପିର ମିଶ୍ରଣ ପର୍ବ

ଭଦ୍ରକ,।(ସବ୍ୟୁ):ଭଦ୍ରକ ବିଧାନସଭା ଅନ୍ତର୍ଗତ କେଦାରପୁର ପଞ୍ଚାୟତ ସ୍ଥିତ ଭଦ୍ରକାଳୀ ମଣ୍ଡଳରେ ଶତାଧିକ ଅନ୍ୟଦଳର କର୍ମୀ ଦଳ ଛାଡ଼ି ବିଜେପିରେ ଯୋଗ ଦେଇଛନ୍ତି। ବିଜେପି ଜିଲ୍ଲା ସଭାପତି ହେମନ୍ତ ପାଢୀଙ୍କ ଉପସ୍ଥିତିରେ ଏକ ମିଶ୍ରଣ ସଭା କରାଯାଇ ଏଥିରେ ଅନ୍ୟଦଳର କର୍ମୀ ସମର୍ଥକମାନେ ବିଜେପି ଦଳରେ ଯୋଗ ଦେଇଥିଲେ। ଭଦ୍ରକାଳୀ ମଣ୍ଡଳର ସଭାପତି ଗଦାଧର ଖାମୁରାଇ, ବିଜେପିର ବରିଷ୍ଠ ନେତା ନାରାୟଣ ସେନାପତି, ଜିଲ୍ଲା କୃଷକମୋର୍ଚ୍ଚାର ସାଧାରଣ ସମ୍ପାଦକ ଅନିଲ ବେହେରା ପ୍ରମୁଖ ଏହି ସଭାରେ ଯୋଗ ଦେଇଥିଲେ। ଜିଲ୍ଲା ସଭାପତି ଏବଂ ଅନ୍ୟ ନେତୃବର୍ଗ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ସେମାନଙ୍କ ଦଳରେ ସାମିଲ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଯୋଗ୍ୟ ନେତୃତ୍ୱ, ଦଳର ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ ଭାଗିରଥି ସେନାପତି, ଦୁର୍ଗା ପ୍ରସନ୍ନ ସେନାପତି, ଓମ୍ପ୍ରକାଶ ସେନାପତି, ପଙ୍କଜ ପାଢ଼ୀ, ବିକାଶ ବେହେରା, କରୁଣାକର ସେନାପତି, ରାଜେଶ ରାଜ୍ ସେନାପତି, ଉମେଶ ବାରିକ, ହିତେଶ ସେନାପତି, ବିଜୟ ସେନାପତି, ଆଦିତ୍ୟ ସେନାପତି, ବିଷ୍ଣୁ ପ୍ରସାଦ ବାରିକ, ଦୀପ୍ତିରଂଜନ ମଲ୍ଲିକ, ରାଜେଶ କୁମାର ପାଢ଼ୀ, ବିକାଶ ଜେନା, କମଳଲୋଚନ ତ୍ରିପାଠୀ, ବାଦଲ ବାରିକ, ସଂଗ୍ରାମ ସେନାପତି, ସୌରେନ୍ଦ୍ର ପାଣିଗ୍ରାହୀ, ସନ୍ତୋଷ ପାଲ, ମହାପ୍ରସାଦ ମିଶ୍ର, ସୁକାନ୍ତ ବେହେରା, ବିଶ୍ୱଜିତ୍ ମହାରଣା, ସୁଦର୍ଶନ ଦଳାଇ, ଶଶିକାନ୍ତ ଜେନା ପ୍ରମୁଖ ବିଜେପି ଦଳରେ ସାମିଲ ହୋଇଛନ୍ତି।

## ଟାଓ୍ୱାରରେ ଚୋରି କରିବାକୁ ଆସି ବନ୍ଧାହେଲେ ଯୁବକ

ମୋରଡା , (ସବ୍ୟୁ) :ମୟୁରଭଞ୍ଜ ଜିଲ୍ଲା ମୋରଡା ପୋଲିସ ଟାଓ୍ୱାର ବ୍ୟାଟେରୀ ଚୋରି କରିବାକୁ ଆସିଥିବା ଜୈନିକ ଯୁବକକୁ ଗିରଫ କରିଛି । ଗିରଫ ଜଣକ ହେଲେ ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅଧୀନ ଦୁଧିସଲ ଗ୍ରାମର ପର୍ଶୁରାମ ନାଏକ। ସୂଚନା ମୁତାବକ ମୋରଡା ଥାନା ଅନ୍ତର୍ଗତ ଚିତ୍ରଡା ଫାଣ୍ଡି ଅଧୀନ ସାପ୍ଲାଇ ଛକ ନିକଟରେ ଥିବା ଏକ ମୋବାଇଲ ଟାଓ୍ୱାର ନିକଟ ନିକଟରେ ।ସୋମବାର ରାତି ପ୍ରାୟ ସାଢ଼େ ୧୨ଟାରେ ପର୍ଶୁରାମ ନାଏକ ଅନ୍ୟ ଏକ ସହଯୋଗୀ ମିଳିତ ହୋଇ ଏକ ଟାଟା ମ୍ୟାଜିକ ଗାଡ଼ିରେ ଆସି ଟାଓ୍ୱାର ଷ୍ଟ୍ରଙ୍ଗ ରୁମ କବାଟ ଖୋଲିକୁ ଚେଷ୍ଟା କରିଥିଲେ ।ଟାଓ୍ୱାର ଟେକ୍‌ନିସିଆନ ଦୀନବନ୍ଧୁ ବେହେରା ଏହା ଜାଣି ପାରି ଗ୍ରାମ ବାସୀଙ୍କୁ ଖବର ଦେଇଥିଲେ । ଗ୍ରାମବାସୀଙ୍କୁ ଆସିବା ଜାଣି ଗାଡ଼ିରେ ବସିଥିବା ବ୍ୟକ୍ତି ଗାଡି ନେଇ ଚମ୍ପଟ ମାରିଥିଲା ବେଳେ ପର୍ଶୁରାମ ମଧ୍ୟ ଦୌଡ଼ି ପଳାଇଥିଲା। ଖବର ପାଇଁ ଚିତ୍ରଡା ଫାଣ୍ଡି ଅଧିକାରୀ ନିରଞ୍ଜନ ସରେନ ପହଂଚି ଖୋଜାଖୋଜି କରିବା ପରେ ପାଟପୁର ଛକ ନିକଟରେ ପର୍ଶୁରାମକୁ କାବୁ କରି ଫାଣ୍ଡିକୁ ଆଣିଥିଲେ। ଏ ନେଇ ମୋରଡା ଥାନାରେ ୯୦/୨୪ରେ ଏକ ମାମଲା ରୁଜୁ କରି ଫାଣ୍ଡି ଅଧିକାରୀ ଘଟଣାର ତଦନ୍ତ କରୁଛନ୍ତି ।

# ସଂସ୍କୃତ କଲେଜ ଆସବାବପତ୍ର ହରିଲୁଟ୍ : ଜିଲ୍ଲାପାଳଙ୍କୁ ଭେଟିଲେ ଗ୍ରାମବାସୀ

ଭଦ୍ରକ,(ସବ୍ୟୁ):ମଙ୍ଗଳବାର ଏହି ଜିଲାର ବାସୁଦେବପୁର ଥାନା ଅଧୀନସ୍ଥ ବଂଶୀପାଟଣା ଗ୍ରାମବାସୀଙ୍କ ପକ୍ଷରୁ ଜିଲାପାଳଙ୍କୁ ସାକ୍ଷାତ୍ କରି ସ୍ଥାନୀୟ ଅଂଚଳର ଲୋକଙ୍କ ପ୍ରଚେଷ୍ଟାରେ ପ୍ରତିଷ୍ଠା ହୋଇଥିବା ଏକ ସଂସ୍କୃତ ମହାବିଦ୍ୟାଳୟର ଗୃହକୁ ବିନା କମିଟି ଅଗୋଚରରେ ଭାଙ୍ଗି ଆସବାବ ପତ୍ର ଲୁଟ୍ ସମ୍ବନ୍ଧରେ ଅବଗତ କରାଯାଇଛି। ଏବଂ ଏହି ଘଟଣାରେ ଜଡିତ ପ୍ରଶାନ୍ତ କୁମାର ପାଢୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରାଯାଇଛି। ଗ୍ରାମବାସୀଙ୍କ ପକ୍ଷରୁ ଅକ୍ଷୟ କୁମାର ରଣା ଓ ଦୟାନିଧି ନାୟକ ଜିଲାପାଳଙ୍କୁ ଦେଇଥିବା ଅଭିଯୋଗ ପତ୍ର ମୂଳେ ସ୍ଥାନୀୟ ବଂଶୀପାଟଣା, ଭୈରବପୁର ଓ ବଳିବିନ୍ଧା ଗ୍ରାମବାସୀମାନଙ୍କ ପ୍ରଚେଷ୍ଟାରେ ୧୯୮୨ ମସିହାରେ ପ୍ରତିଷ୍ଠା ହୋଇଥିବା କଳ୍ପତରୁ ସଂସ୍କୃତ ଶିକ୍ଷା ନିକେତନ ଟୋଲ ଓ କଳ୍ପତରୁ ସଂସ୍କୃତ ବିଦ୍ୟାଳୟ ମଧ୍ୟମା ଚାଲିଆସୁଥିଲା। ଯାହା ବିଦ୍ୟାଳୟର ନିଜସ୍ୱ ଜମିରେ ନିର୍ମିତ ହୋଇଥିଲା। ଏଠାରେ କଳ୍ପତରୁ ସଂସ୍କୃତ ବିଦ୍ୟାଳୟ ମଧ୍ୟମା ଖୋଲାଯାଇ ପାଠପଢା ଚାଲିଥିଲା। ଦୀର୍ଘଦିନ ରହି ଶିକ୍ଷକମାନେ ବର୍ଷେ ଦୁଇବର୍ଷ ପରେ ଅବସର ନେଇଥିଲେ। ଇତିମଧ୍ୟରେ ବିଦ୍ୟାଳୟର ରୋଷେଇ ଘରଟି ଗ୍ରାମବାସୀଙ୍କ ସହଯୋଗ କ୍ରମେ ୫୯ ହଜାର ଟଙ୍କାର ଧାର୍ଯ୍ୟ ଅର୍ଥରେ ସଂପୂର୍ଣ୍ଣ ହୋଇଥିଲା। ଏଥିରେ ଖାଦ୍ୟପେୟ ପ୍ରସ୍ତୁତ କରାଯାଇ ପିଲାଙ୍କୁ ଦିଆଯାଉଥିଲା। ସରକାରଙ୍କ ପକ୍ଷରୁ ମଧ୍ୟ ଆନୁସଙ୍ଗିକ ସୁବିଧା ଯୋଗାଇ ଦିଆଯାଇଥିଲା। ଏହି ସଂସ୍କୃତ ବିଦ୍ୟାଳୟ ମଧ୍ୟମାରେ ଦୀର୍ଘଦିନ ରହି ଶିକ୍ଷକତା କରୁଥିବା ପ୍ରଶାନ୍ତ କୁମାର ପାଢୀ ଓରଫ ଜୁଲୁ ପାଢୀ ୧୯୯୨ ମସିହାରୁ ୨୦୦୬ ମସିହା ପର୍ଯ୍ୟନ୍ତ ଚଂଚକତା କରି ଜାଲିଆତି କାଗଜପତ୍ର ମାଧ୍ୟମରେ ଜିଲାପାଳଙ୍କ ଅଫିସ୍ ଠାରୁ ଆରମ୍ଭ କରି ସମସ୍ତ କାର୍ଯ୍ୟାଳୟରେ ସ୍କୁଲର ନାମଟିକୁ ଲିଭାଇଦେଇ ସେହି ସ୍ଥାନରେ କଳ୍ପତରୁ ସଂସ୍କୃତ ମହାବିଦ୍ୟାଳୟ ଖୋଲି ଚାକିରୀ ଦେବାପାଇଁ ଦୂର ଦୂରାନ୍ତରୁ ପ୍ରାର୍ଥୀ ଓ ପ୍ରାର୍ଥିନୀଙ୍କ ଠାରୁ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ଆଦାୟ କରିଥିଲେ। ଏବଂ ମାଟ୍ରିକ୍, ଯୁକ୍ତ ଦୁଇ, ଯୁକ୍ତ ତିନି ଓ ସିଟି, ବିଇଡିର ଜାଲ୍ ସାର୍ଟିଫିକେଟ୍ ପ୍ରସ୍ତୁତ କରି ସେମାନଙ୍କୁ ନିଯୁକ୍ତି ଦେଇଥିଲେ। ଯାହା ବିରୁଦ୍ଧରେ ତାଙ୍କ ନାମରେ ବାସୁଦେବପୁର ଥାନା, ଚୂଡାମଣି ଥାନା, ଜିଆରପି, କଟକ, କ୍ରାଇମବ୍ରାଞ୍ଚ ଓଡ଼ିଶା, କଟକ ଠାରେ ମାମଲା ରୁଜୁ ହୋଇଅଛି। ଏ ସଂପର୍କରେ ବିଭିନ୍ନ ଗଣମାଧ୍ୟମରେ ମଧ୍ୟ ପ୍ରକାଶ ପାଇଥିଲା। ଏଭଳି ସ୍ଥଳେ କଳ୍ପତରୁ ସଂସ୍କୃତ ବିଦ୍ୟାଳୟ (ମଧ୍ୟମା) ଓ ପ୍ରଥମାର କମିଟି ଅଗୋଚରରେ ପ୍ରଶାନ୍ତ ପାଢୀ ଉକ୍ତ ଗୃହଟିକୁ ଭାଙ୍ଗି ଟିଣଛପର ଓ କାଠଗୁଡିକ ଏକ ଗାଡିରେ ଲଦି ନିଜ ଘରକୁ ନେଇଯାଇଥିଲେ। ଗ୍ରାମବାସୀମାନେ ପହଞ୍ଚି ପ୍ରତିବାଦ କରିବାରୁ ଶ୍ରୀ ପାଢୀ ଜିଲାପାଳଙ୍କ ଠାରୁ ଅର୍ଡର ଆଣିଛନ୍ତି ବୋଲି କହିଥିଲେ। ଗ୍ରାମବାସୀମାନେ ଏଭଳି ବେଆଇନ୍ କାର୍ଯ୍ୟକୁ ଜିଲାପାଳ କୌଣସି ମତେ ଅର୍ଡର ଦେଇନଥିବାର ଜାଣି ତାହା ଦେଖାଇବାକୁ କହିବାରୁ ସେ ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନାରୁ ମାରିଦେବାର ଧମକ ଦେଇଥିଲେ। ଏଣୁ ଉକ୍ତ ବିଦ୍ୟାଳୟ ଗୃହଟିକୁ ନଭାଙ୍ଗିବା ପାଇଁ ନିର୍ଦ୍ଦେଶ ଦେବା ସହ ସରଜମିନ୍ ତଦନ୍ତ କରି ସଂପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଅକ୍ଷୟ କୁମାର ରଣା ଓ ଦୟାନିଧି ନାୟକ ଜିଲାପାଳଙ୍କ ଠାରେ ନିବେଦନ କରିଛନ୍ତି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ବିଧିବଦ୍ଧ ଭାବେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ପ୍ରତିଶ୍ରୁତି ଦେଇଛନ୍ତି।

# ମଇତାପୁର ଠାରେ ବରିଷ୍ଠ ନାଗରିକ ମଞ୍ଚର ଶୋକସଭା



ସିମୁଳିଆ, (ସବ୍ୟୁ) : ସମାଜସେବୀଙ୍କ ଅକାଳ ବିୟୋଗରେ ସିମୁଳିଆ ବ୍ଲକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ମଇତାପୁରଠାରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ସୂଚନାରୁ ପ୍ରକାଶ ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ମଇତାପୁର ପଞ୍ଚାୟତର ମଇତାପୁରଠାରେ ସମାଜସେବୀ ତଥା ମଇତାପୁର ପଞ୍ଚାୟତ ବରିଷ୍ଠ ନାଗରିକ ମଞ୍ଚର ସଭାପତି ଜଗବନ୍ଧୁ ନାୟକ(୬୭)ଙ୍କ ଚିକିତ୍ସାଧିନ ଅବସ୍ଥାରେ ଅକାଳ ବିୟୋଗ ହୋଇଥିଲା । ଏହି ପରିପେକ୍ଷୀରେ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ମଞ୍ଚର ଉପସଭାପତି ବୀରେନ୍ଦ୍ର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ଅତିଥିଭାବେ ସିମୁଳିଆ ବ୍ଲକ ବରିଷ୍ଠ ନାଗରିକ ମଞ୍ଚର ସହ ସଂପାଦକ ନିଶାକାର ବେହେରା, ମଇତାପୁର ପଞ୍ଚୟତର ବରିଷ୍ଠ ନାଗରିକ ମଞ୍ଚର ସଂପାଦକ ଡମ୍ବୁରୁଧର ବେହେରା, ଉପଦେଷ୍ଟା ଭରତ ସିଂ, ସହ ସଂପାଦକ କମଳାକାନ୍ତ ଦାସ, ଉପସଭାପତି ଆଦରମଣି ମଲ୍ଲିକ, ମାର୍କୋଣା ପଞ୍ଚାୟତ ସଭାପତି ଶ୍ରୀନିବାସ ଧଳ ପ୍ରମୁଖ ଅତିଥିମାନେ ଯୋଗଦେଇ ସ୍ୱର୍ଗତଃ ଜଗବନ୍ଧୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଦେଇ ଶ୍ରଦ୍ଧାଞ୍ଜଳି ଦେବା ସହ ସେ ଜଣେ ଦକ୍ଷ ସଂଗଠକ, ଅନୁଷ୍ଠାନ ପ୍ରେମୀ ଓ ତାଙ୍କ କାର୍ଯ୍ୟଦକ୍ଷତା ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏଥି ସହିତ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ । ଏହି ଅବସରରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା, ସିମୁଳିଆ ବ୍ଲକ ଅଧ୍ୟକ୍ଷ ବାବାଜି ଚରଣ ମଲ୍ଲିକ, ବାଲିଖଣ୍ଡ କଲେଜ ଅଧ୍ୟାପକ ପ୍ରଶାନ୍ତ କୁମାର ବିହାରୀ, ରମାକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ନିମାପଡା କଲେଜରେ ଦୁର୍ନୀତି ଅଭିଯୋଗ: ଛାତ୍ରଙ୍କ ଧାରଣା



ନିମାପଡା,(ସବ୍ୟୁ): ନିମାପଡା ମହାବିଦ୍ୟାଳୟରେ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ବ୍ୟାପକ ଦୁର୍ନୀତୀ ହୋଇଥିବା ନେଇ ଅଭିଯୋଗ ଉଠାଇ କଲେଜର କେତେକ ଛାତ୍ର ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେଇଛନ୍ତି । କଲେଜ ପରିସରରେ ଓ୍ୱାଟକୋ ବିଭାଗ ପକ୍ଷରୁ ହୋଇଥିବା ୧୯ ଲକ୍ଷ ଟଙ୍କାର କାର୍ଯ୍ୟ ଓ କଲେଜ ଗ୍ୟାଲେରୀ କାର୍ଯ୍ୟ ମନୋମୁଖୀ କରାଯିବା ସହିତ ଏଥିରେ ଦୁର୍ନୀତୀ ହୋଇଥିବା ଏବଂ କେଉଁ କାରଣ ପାଇଁ କଲେଜ ଅଧକ୍ଷାଙ୍କ ୨ଦିନର ଦରମା ବନ୍ଦ କରାଯାଇଛି ବୋଲି ଧାରଣାରେ ବସିଥିବା ଛାତ୍ରମାନେ ଜାଣିବାକୁ ଚାହିଁଛନ୍ତି । କଲେଜ ଡିନ ଏବଂ ପରିଚାଳନା କମିଟୀ ସଭାପତି କେଉଁଠି କଣ କାମ ହୋଇଛି,ଟଙ୍କା ସଠିକ ଭାବରେ କାମରେ ଖର୍ଚ୍ଚ ହୋଇଛି କି ନାହିଁ ଏହାର ଉତ୍ତର ସେମାନଙ୍କୁ ନଦେଲେ ଧାରଣାରୁ ଉଠିବୁ ନାହୁଁ ବୋଲି ଧାରଣାରତ ଛାତ୍ରମାନେ କହିଛନ୍ତି । କଲେଜ ପରିଚାଳନା କମିଟୀର ସଭାପତି ଜଗତ ପ୍ରସାଦ ସାବୁତ ଧାରଣାରତ ଛାତ୍ରଙ୍କ ସହିତ ଆଲୋଚନା କରିଥିଲେ ମଧ ଛାତ୍ରମାନେ ତାଙ୍କ ଜିଦରେ ଅଟଳ ଅଛନ୍ତି । ଏପରିକି କେତେକ ଅଣଛାତ୍ର କଲେଜ ଭିତରକୁ ପ୍ରବେଶ କରି ଧାରଣାରତ ଛାତ୍ରଙ୍କୁ ଠେଲାପେଲା କରିଥିବା ଧାରଣାରତ ଛାତ୍ର ଅଭିଯୋଗ କରିଛନ୍ତି । ଛାତ୍ରଙ୍କ ଧାରଣା ଚାଲିଥିବା ବେଳେ ବର୍ଷା ହୋଇଥିଲା । ବର୍ଷାରେ ଓଦା ହୋଇ ଛାତ୍ରମାନେ ଧାରଣାରେ ବସିଥିବା ଦେଖିବାକୁ ମିଳିଥିଲା । କଲେଜରେ ବିଭିନ୍ନ କାର୍ଯ୍ୟର ହୋଇଥିବା ଦୁର୍ନିତୀର ବିଭାଗୀୟ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଯେ ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଇଛି ସେ ପର୍ଯ୍ୟନ୍ତ ଧାରଣା ଜାରିରହିବ ବୋଲି ଆନ୍ଦୋଳନରତ ଛାତ୍ର ପ୍ରକାଶ କରିଛନ୍ତି । ମୋ ସମୟରେ କିଛି ଦୁର୍ନିତୀ ହୋଇନି ପୂର୍ବରୁ କଣ ହୋଇଥାଇ ପାରେ ବର୍ତ୍ତମାନ ଅଡିଟ ଚାଲିଛି ରିପୋର୍ଟ ଆସିଲେ ଜଣାପଡିବ ବୋଲି କଲେଜ ଅଧକ୍ଷା ପୁଷ୍ପତା ରାଜଗୁରୁ ଗଣମାଧମକୁ କହିଛନ୍ତି । ସଂଧାରେ କଂଗ୍ରେସର କେତେକ ରାଜନେତା ପଂହଚି କଲେଜ ପିଲାଙ୍କ ଏହି ଧାରଣାକୁ ସମର୍ଥନ ଜଣାଇ ତାଙ୍କ ସହ ବସିଛନ୍ତି ।

# ଗଞ୍ଜେଇ ଚୋରା ଚାଲାଣ : ମହିଳା ଓ ନାବାଳକ ସାମିଲ

ଦଶପଲ୍ଲା/ଗଣିଆ, (ସବ୍ୟୁ) :କନ୍ଧମାଳ ଜିଲ୍ଲା ରୁ ଦୈନିକ ରାଜ୍ୟ ରାଜ ଧାନୀ ଭୁବନେଶ୍ୱର ଓ ଅନ୍ୟ ଜିଲ୍ଲା କୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବେଳେ ଏହି ଚୋରା ଚାଲାଣରେ ମହିଳା ଓ ନା ବାଳକ ସାମିଲ ହୋଇଛନ୍ତି ।ଗତ ୧୭ ତାରିଖ ରେ ଏକ କାର ରେ ଚୋରା ଗଞ୍ଜେଇ ଫୁଲବାଣୀ ରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ବାଣୀଗୋଛା ପୋଲିସ ଏହାକୁ ଧରିବାରେ ସଫଳ ହୋଇଥିଲା । ପୋଲିସ କୁ ଦେଖି କାର ଚାଳକ ବାଣୀବିରି ଠାରେ କାର ରଖି ଫେରାର ହୋଇ ଯାଇଥିବା ବେଳେ କାର ମଧରେ ଥିବା ଜଣେ ମହିଳା ଙ୍କୁ ଧରିବାରେ ସଫଳ ହୋଇଥିଲା । ଉକ୍ତ ମହିଳା ଙ୍କ ନାମ ସାଇବାଣୀ କଂହର ଓ ତାଙ୍କ ଘର କନ୍ଧମାଳ ଜିଲ୍ଲା ଫୁଲବାଣୀ ଥାନା ଗୌଡ଼ପଡା ଗ୍ରାମରେ ବୋଲି ପୋଲିସ ସୁତ୍ର ରୁ ଜଣା ପଡ଼ିଛି । କାର ମଧ୍ୟରୁ ପୋଲିସ ୧୭ କେଜି ଗଂଜେଇ ଜବତ କରି ମହିଳା ଙ୍କୁ କୋର୍ଟ ଚାଲାଣ କରିଛି। ସେହିପରି ସୋମବାର ଅପରାହ୍ନ ସମୟରେ କନ୍ଧମାଳରୁ କଟକ ଏକ ବୋଲେରୋ ଗାଡ଼ିରେ ଗଂଜେଇ ଚୋରାଚାଲାଣ ହେଉଥିବା ବେଳେ ଗଣିଆ ପୋଲିସ ଏହାକୁ ଧରିବାରେ ସଫଳ ହୋଇଛି । ବିଶେଷ ସୂତ୍ରରୁ ଖବର ପାଇ ଗଣିଆ ଥାନା ଅଧିକାରୀ ବିନୟ ରଞ୍ଜନ ପରିଡାଙ୍କ ନେତୃତରେ ଏସ ଆଇ ବୀରେନ୍ଦ୍ର କୁମାର ଦେହୁରୀଙ୍କ ସମେତ ଏକ ଟିମ ଏହି ବୋଲେରୋକୁ ପିଛା କରି କରଡ଼ାପଡା ନିକଟ ଘାଗରାନାଳ ନିକଟରେ ଗାଡିଟିକୁ ଅଟକାଇ ଯାଞ୍ଚ କରିଥିଲେ । ଏହି ଯାଞ୍ଚ ସମୟ ରେ ଗାଡ଼ିରେ ଥିବା ୨୧ କିଲୋ ଗଂଜେଇକୁ ଜବତ କରିବା ସହିତ ବୁଲେରୋରେ ଥିବା ଜଣେ ନାବାଳକ ସହ ଅନ୍ୟ ଜଣଙ୍କୁ ଥାନା କୁ ଆଣି ପିଲିସ ପଚରା ଉଚରା କରିଥିଲା । ପଚରା ଉଚରା ସମୟ ରେ ଗିରଫ ବ୍ୟକ୍ତିଙ୍କ ନାମ ନିମନ୍ତ ମଲ୍ଲିକ ତାଙ୍କ ଘର କନ୍ଧମାଳ ଜିଲ୍ଲା ବାଲିଗୁଡା ବୋଲି ପୋଲିସ ଜାଣିବାକୁ ପାଇଥିଲା । ପରେ ପୋଲିସ ଏ ସମ୍ପର୍କରେ ସାମ୍ବାଦିକ ସମ୍ମିଳନୀ କରି ସାମ୍ବାଦିକ ମାନଙ୍କୁ ସୂଚନା ଦେବା ସହ ନିମନ୍ତ ମଲ୍ଲିକ (୧୯)ଙ୍କୁ କୋର୍ଟ ଚାଲାଣ କରିବା ସହିତ ନାବାଳକଙ୍କୁ ନୟାଗଡ଼ ବାଲସୁଧାର ଗୃହ କୁ ପଠାଇଥିବା ଏସ ଡି ପି ଓ ବିମଳ କୁମାର ବାରିକ ପ୍ରକାଶ କରିଛନ୍ତି ।ତେବେ ଏହି ଗଞ୍ଜେଇ ଚାଲାଣ ରେ ଗଞ୍ଜେଇ ମାଫିଆ ମାନଙ୍କ ହାତ ଥିବା ଆଲୋଚନା ହେଉଛି ।ମାଫିଆମାନେ ବିଭିନ୍ନ ଉପାୟ ରେ ଦିନଦିପହରରେ ଗଞ୍ଜେଇ ଚୋରାଚାଲାଣ କରୁଥିବାବେଳେ ଅବକାରୀ ବିଭାଗ ନିରବଦ୍ରଷ୍ଟା ସାଜିଥିବା ସାଧାରଣରେ ଚର୍ଚ୍ଚା ହେଉଛି । ସବୁ ଜାଣି ଅଜଣା ପାଲଟିଛି ଅବକାରୀ ପୋଲିସ ନିକ ଦଶପଲ୍ଲା ଓ ଗଣିଆ ଦେଇ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବେଳେ ଅବକାରୀ ବିଭାଗ କୁମ୍ଭକର୍ଣ୍ଣ ନିଦ କେବେ ଭାଙ୍ଗୁଛି ତାହା ଦେଖିବାକୁ ବାକି ରହିଛି ।

# ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲେ ୩୮ ଜଣ ଯାତ୍ରୀ

ଆଠଗଡ଼ , (ସବ୍ୟୁ) : ସୋମବାର ବିଳମ୍ବିତ ରାତିରେ ଭୁବନେଶ୍ୱରରୁ କୁଚିଣ୍ଡା ଯାଉଥିବା ମା ଭୁବନେଶ୍ୱରୀ ଯାତ୍ରୀ ବାହି ବସ୍ ଖୁଣ୍ଟୁଣୀ ଥାନା ଭୋଗରା ନିକଟରେ ଏକ ପୋଲ ସହିତ ଧକ୍କା ହୋଇ ୧୦ ଫୁଟ ତଳକୁ ଝୁଲି ରହିଥିଲା। ଦୁର୍ଘଟଣାରେ ଗାଡ଼ିର ଚାଳକ ଆହତ ହୋଇଥିବା ବେଳେ ୩୮ ଯାତ୍ରୀ ଙ୍କ ସହ କଣ୍ଡକ୍ଟର ଓ ଅନ୍ୟ ଜଣେ ଚାଳକ ସୁରକ୍ଷିତ ଭାବେ ରକ୍ଷା ପାଇଯାଇଛନ୍ତି। ବସ୍ ଟି ଭୁବନେଶ୍ୱରରୁ ଆସି ଖୁଣ୍ଟୁଣୀ ର ଏକ ଢ଼ାବା ରେ ଖିଆପିଆ ସାରି ଏକ କିଲୋମିଟର ଯାଇଥିବା ବେଳେ ବସ୍‌ର ଚାଳକ ଅସୁସ୍ଥ ହୋଇ ନିୟନ୍ତ୍ରଣ ହରାଇଥିଲେ। ଖବର ପାଇ ଖୁଣ୍ଟୁଣୀ ପୋଲିସ ଚାଳକକୁ ଆମ୍ବୁଲାନ୍ସ ସଙ୍ଗେ ଆଠଗଡ଼ ପଠାଇବା ସହ ଯାତ୍ରୀ ମାନଙ୍କୁ ଉଦ୍ଧାର କରିଥିଲେ।ମଙ୍ଗଳବାର ଦିନ ବସ୍ କୁ ରାସ୍ତାରୁ ହଟାଯାଇଛି। ସେହି ସମାନ ସ୍ଥାନରୁ ୫୦୦ ମିଟର ଦୂରରେ ଏକ କୋଇଲା ବୋଝେଇ ଟ୍ରକ ଦୁର୍ଘଟଣା ଗ୍ରସ୍ତ ହୋଇ ଓଲଟି ପଡ଼ିଥିବାରୁ ଟ୍ରକ ଚାଳକ ଗୁରୁତର ଆହାତ ହୋଇ ଆଠଗଡ଼ ଡ଼ାକ୍ତରଖାନା ରେ ଚିକିତ୍ସିତ ହେଉଛନ୍ତି। ମଙ୍ଗଳବାର ଅପରାହ୍ନରେ ଆଠଗଡ଼ ଥାନା ଇଶ୍ୱରା ଛକ ନିକଟରେ ଏକ ବାଇକ୍ ସହିତ ସାଇକେଲ ଧକ୍କା ହେବାରୁ ୪ ଜଣ ଆହତ ହୋଇଛନ୍ତି ।ଗତ ୧୭ ତାରିଖରେ ଆଠଗଡ଼ ଥାନା ଗୋପିନାଥପୁର ଛକରେ ଏକ ଛିଡ଼ା ହୋଇଥିବା ଟ୍ରକ କୁ ପିକ୍‌ଅପ ଗାଡ଼ି ଧକ୍କା ଦେଇ ଡ୍ରାଇଭର ମୃତ୍ୟୁ ବରଣ କରିଛି। ସେହିପରି ଗତ ୧୩ ତାରିଖ ରେ ଖୁଣ୍ଟକଟା ତାରିଣୀ ଛକ ଠାରେ ଦୁର୍ଘଟଣା ରେ ଜଣକର ମୃତ୍ୟୁ ହୋଇଥିବା ବେଳେ କୁଲାଇଲୋ ଏବଂ ଦହିସରା ଠାରେ ତିନୋଟି ପୃଥକ ପୃଥକ ଦୁର୍ଘଟଣା ରେ ୭ ଅଧିକ ଲୋକ ଆହାତ ହୋଇଛନ୍ତି।ଏ ସମସ୍ତ ଦୁର୍ଘଟଣା ରେ ନୀର୍ମାଣଧିନ ଶୋଚନୀୟ ରାସ୍ତା ଓ ମଦ୍ୟପ ଚାଳକ ଙ୍କ ଅସାବଧାନତା ଯୋଗୁ ଘଟିଥିବା କୁହାଯାଉଛି। କଟକ ରାଟିଓ ଓ ସ୍ଥାନୀୟ ପୋଲିସଙ୍କର କାର୍ଯ୍ୟାନୁଷ୍ଠାନ ଅବହେଳାରୁ ଏପରି ଦୁର୍ଘଟଣା ମାନ ବାରମ୍ବାର ଘଟୁଥିଲେ ବି ପ୍ରଶାସନ ଏଥିପ୍ରତି ଦୃଷ୍ଟି ନଦେବାରୁ ନିରିହ ଲୋକଙ୍କର ମୂଲ୍ୟବାନ ଜୀବନ ଯାଉଛି ବୋଲି ସାଧାରଣରେ ଅଭିଯୋଗ ହେଉଛି ।

# ସତ୍ୟବାଦୀ ବନ ବିଦ୍ୟାଳୟ ଉପରେ ହେବ ପୁସ୍ତକ



ସାକ୍ଷୀଗୋପାଳ (ସବ୍ୟୁ) : ସତ୍ୟବାଦୀ ଯୁଗର ପଞ୍ଚସଖା ଉତ୍କଳମଣି ଗୋପବନ୍ଧୁ ଦାସ, ଆଚାର୍ଯ୍ୟ ନୀଳକଣ୍ଠ ଦାସ, ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ କୃପାସିନ୍ଧୁ ମିଶ୍ର ଓ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଦ୍ୱାରା ୧୯୦୯ ମସିହାରେ ପ୍ରତିଷ୍ଠିତ ସତ୍ୟବାଦୀ ବନ ବିଦ୍ୟାଳୟର ପରବର୍ତ୍ତୀ ଶିକ୍ଷାନୁଷ୍ଠାନ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ଐତିହ୍ୟ ବିଦ୍ୟାଳୟ ଭାବରେ ବିକଶିତ ହେବ । ଏଥିପାଇଁ ମୋ ସ୍କୁଲ ଅଭିଯାନ ପକ୍ଷରୁ ଗତକାଲି ଅର୍ଥାତ ସୋମବାର ଠାରୁ ଆଜି ପର୍ଯ୍ୟନ୍ତ ୨ ଦିନ ଧରି ବିଦ୍ୟାଳୟ ସମ୍ପର୍କିତ ଐତିହ୍ୟ, କୃତି ଓ ବିଷୟବସ୍ତୁ ଉପରେ ଆଧାରିତ ତଥ୍ୟକୁ ଅଭିଜ୍ଞ ବ୍ୟକ୍ତି ଶେଷ ମାନଙ୍କ ଠାରୁ ମତାମତ ଗ୍ରହଣ କରା ଯାଇଥିଲା । ସୂଚନା ଅନୁଯାୟୀ ଏହି ତଥ୍ୟକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ପୁସ୍ତକ ଓ ଡକୁମେଣ୍ଟ ପ୍ରସ୍ତୁତ କରାଯିବ । ଯାହା ବନବିଦ୍ୟାଳୟ ଓ ସତ୍ୟବାଦୀ ହାଇସ୍କୁଲର ଦର୍ପଣ ଭଳି କାମ କରିବା ସହ ରିସର୍ଚ୍ଚ ଓ ଗବେଷଣା କରିବା ଦିଗରେ ବିଶେଷ ସହାୟକ ହେବ। ଏଥିପାଇଁ ହାଇସ୍କୁଲ ପରିସରରେ ମଙ୍ଗଳବାର ଦିନ ମୋ ସ୍କୁଲ ଅଭିଯାନ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଯୋଗା ଯୋଗ ଅଧିକାରୀ ସିତାଂଶୁ ଶେଖର ମହାନ୍ତ ଓ ଫଟୋଗ୍ରାଫର ପ୍ରଫୁଲ୍ଲ କୁମାର ନାୟକ ଉପସ୍ଥିତ ବ୍ୟକ୍ତି ବିଶେଷଙ୍କର ଭିଡ଼ିଓ ବାର୍ତ୍ତା ରେକର୍ଡ କରିଥିଲେ । ଏହି ପରିପ୍ରେକ୍ଷୀରେ ସତ୍ୟବାଦୀ ବ୍ଲକ ଶିକ୍ଷା ଅଧିକାରୀ ଭବମ ପ୍ରଧାନଙ୍କ ସହ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମାନସ ରଞ୍ଜନ ପଟ୍ଟନାୟକ , ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଅଲମୁନି ପ୍ରଣବ ମିଶ୍ର , ପ୍ରାକ୍ତନ ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ମିଶ୍ର , ଅବସର ପ୍ରାପ୍ତ ପୂର୍ବତନ ଶିକ୍ଷକ ବନମାଳୀ ବେହେରା ,ସତ୍ୟବାଦୀ ଦାସ ,ବିଜୟ କୁମାର ପରିଡା ,ହରିବନ୍ଧୁ ପ୍ରଧାନ ,ପ୍ରଭାତ ଚନ୍ଦ୍ର ରଥ , କୃଷ୍ଣଚନ୍ଦ୍ର ମିଶ୍ର , ଅବସର ପ୍ରାପ୍ତ ପ୍ରଫେସର ଅଭିମନ୍ୟୁ ବରାଳ , ବୁଦ୍ଧିଜୀବୀ ଭୀମସେନ ମହାପାତ୍ର ପ୍ରମୁଖଙ୍କ ନିକଟରୁ ଭିଡିଓ ମାଧମରେ ତଥ୍ୟ ସଂଗ୍ରହ କରିଥିଲେ । ପରେ କ୍ରୀଡା ଶିକ୍ଷକ ସୁଚିତ୍ର ଖଟେଇଙ୍କ ଠାରୁ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ନିମନ୍ତେ କ୍ରୀଡା ଭିତ୍ତିଭୂମି ଓ , ଏନସିସି ଉପରେ ଆଧାରିତ ତଥ୍ୟ ଗ୍ରହଣ କରିଥିଲେ । ବିଦ୍ୟାଳୟ ଲାଇବ୍ରେରୀରେ ପୁରାତନ ଗ୍ରନ୍ଥ ଓ ବିଭିନ୍ନ ପୁସ୍ତକ ସମ୍ବନ୍ଧୀୟ ତଥ୍ୟ ଗ୍ରହଣ କରିବା ସହିତ ସ୍କୁଲ ପରିସର ଓ ବକୁଳ ବନ ପରିସରରେ ରହିଥିବା ଉତ୍କଳମଣୀ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିଷ୍ଠିତ ବନ ବିଦ୍ୟାଳୟ ସ୍ମାରକୀ ପରିଦର୍ଶନ କରିଥିଲେ।

# ରାଜସୁନାଖଳାକୁ ଏନଏସି ଦାବିରେ ଆମରଣ ଅନଶନ




ରଣପୁର ,(ସବ୍ୟୁ) : ରଣପୁର ବ୍ଲକ ରାଜସୁନାଖଳା କୁ ଏନ ଏ ସି ମାନ୍ୟତା ଦାବିରେ ଆମରଣ ଅନଶନ ଜାରି ।ସ୍ଥାନୀୟ ଯୁବସମାଜସେବୀ ତଥା ସାମ୍ବାଦିକ ଆର୍ତ୍ତତ୍ରାଣ ପ୍ରଧାନ ମଙ୍ଗଳବାର ଠାରୁ ଆମରଣ ଅନଶନ ଆରମ୍ଭ କରିଛନ୍ତି । ସ୍ଥାନୀୟ ସିଟିସ୍କୁଲ ପଡିଆ ଠାରେ ମଞ୍ଚ ପ୍ରସ୍ତୁତ କରି ଅହୋରାତ୍ର ଆମରଣ ଅନଶନ ରେ ବସିଛନ୍ତି ଆର୍ତ୍ତତ୍ରାଣ । ଆଞ୍ଚଳିକ ବିକାଶ ପରିଷଦ ଆନୁକୂଲ୍ୟରେ ଏହି ଅନଶନ ଜାରି ରହିଛି । ତେବେ ଏହି ଅନଶନ କୁ ସ୍ଥାନୀୟ ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ, ସାମ୍ବାଦିକ ତଥା ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ସମର୍ଥନ ଜଣାଇଛନ୍ତି । ସମ୍ପ୍ରତି ନିର୍ବାଚନ ପାଇଁ ଆଚରଣବିଧି ଲାଗିଥିବା ବେଳେ ସରକାର ବିଜ୍ଞାପିତ ଅଞ୍ଚଳ ଘୋଷଣା କରିବାର ସମ୍ଭାବନା ନ ଥିବାରୁ ନିର୍ଭର ଯୋଗ୍ୟ ପ୍ରତିଶୃତି ପ୍ରଦାନ ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି ସୂଚନା ଦେଇଛି ପରିଷଦ । ସରକାର ରାଜ୍ୟର ଅନେକ ସ୍ଥାନକୁ ନିର୍ବାଚନ ପୂର୍ବରୁ ଏନ ଏ ସି ମାନ୍ୟତା ପ୍ରଦାନ କରିଥିବା ବେଳେ ରାଜ ସୁନାଖଳା ସମ୍ପୂର୍ଣ୍ଣ ଯୋଗ୍ୟ ହୋଇ ମଧ ଏହି ମାନ୍ୟତରୁ ବଞ୍ଚିତ ରହିଛି । ତେବେ ସ୍ଥାନୀୟ ଜନସାଧାରଣ ଏନେଇ ଦାବି ଜୋର କରିଛନ୍ତି । ଅନଶନ ଭଙ୍ଗ କରିବାକୁ ପ୍ରଶାସନିକ ଚାପ ପଡିଲେ ସ୍ଥାନୀୟ ଜନସାଧାରଣ ଙ୍କ ସହ ପରିଷଦ ରାଜ ରାସ୍ତାକୁ ଓହ୍ଲାଇବ ବୋଲି ସୂଚନା ମିଳିଛି । ଏହି ଅନଶନ କୁ ବିଭିନ୍ନ ଦଳର ରାଜନେତା ସମର୍ଥନ ଜଣାଉଥିବା ଦେଖିବାକୁ ମିଳିଛି । ପୂର୍ବରୁ ଶ୍ରୀପ୍ରଧାନ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ଜିଲ୍ଲାପାଳ, ଏସ ପି, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ, ନଗର ଉନ୍ନୟନ ସଚିବଙ୍କୁ ଅନଶନ ପାଇଁ ସ୍ମାରକପତ୍ର ପଠାଇଥିଲେ ।ଖୁବ ଶୀଘ୍ର ରାଜ୍ୟ ସରକାର ଦୃଷ୍ଟି ଦେବାକୁ ସ୍ଥାନୀୟ ଅଧିବାସୀ ନିବେଦନ କରିଛନ୍ତି ।

# ଦୁର୍ଘଟଣାରେ ରାଜସ୍ୱ ନୀରିକ୍ଷକଙ୍କ ପରଲୋକ

ନିରାକାରପୁର, (ସବ୍ୟୁ) : ସୋମବାର ବିଳମ୍ବିତ ରାତିରେ ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ବଡ଼ପୋଖରିଆ ଛକ ନିକଟ ୧୬ ନଂ ଜାତୀୟ ରାଜପଥରେ ସଡ଼କ ଦୁର୍ଘଟଣାରେ ନିରାକାରପୁର ରାଜସ୍ୱ ନୀରିକ୍ଷକ ପ୍ରଶାନ୍ତ କୁମାର ଷଡ଼ଙ୍ଗୀଙ୍କ ମୃତ୍ୟୁ ଜଣାପଡିଛି। ସୂଚନା ଯୋଗ୍ୟ କି ସୋମବାର ରାତି ୧୦ ଟା ବେଳେ ନିଜ ଅଫିସରେ ଥିବା କିଛି କାର୍ଯ୍ୟ ଶେଷ କରି ନିଜ ଘର ନଇରୀ ଯାଉଥିବାବେଳେ ଏକ ଗାଡି ତାଙ୍କୁ ବଡ଼ପୋଖରିଆ ନିକଟରେ ଧକ୍କା ଦେଇଥିଲା। ପରେ ସ୍ଥାନୀୟ ଲୋକ ତାଙ୍କୁ ଗୁରୁତର ଅବସ୍ଥାରେ ଖୋର୍ଦ୍ଧା ହସ୍ପିଟାଲ୍ ରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ।ରାତି ୧୧ ଟା ବେଳେ ତାଙ୍କୁ ଡାକ୍ତର ମୃ ଘୋଷଣା କରିଥିବା ଜଣାପଡିଛି। ଘଟଣାସ୍ଥଳରେ ନିରାକାରପୁର ଆଇଆଇସି ବିଶ୍ୱଜିତ ରାଉତରାୟ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ବୁଲେଟ ଜବତ କରିଥିଲେ।

# ବଡ଼ମ୍ବା ଓକିଲ ନିର୍ବାଚନ, ସମସ୍ତ କାର୍ଯ୍ୟକର୍ତ୍ତା ନିର୍ଦ୍ୱନ୍ଦରେ ନିର୍ବାଚିତ

ବଡ଼ମ୍ବା ,(ସବ୍ୟୁ) : ବଡ଼ମ୍ବା ଓକିଲ ସଙ୍ଘ ତରଫରୁ ସଭାପତିଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ନିର୍ଦ୍ୱନ୍ଦରେ ନିବାଚିତ ହୋଇଥିବା ଓକିଲ ସଙ୍ଘ ତରଫରୁ ସୂଚନା ମିଳିଛି ସୂଚନା ମୁତାବକ ବଡ଼ମ୍ବା ଓକିଲ ସଙ୍ଘର ବରିଷ୍ଠ ଆଇନୀଜୀବି ସନ୍ତୋଷ କୁମାର ପଟ୍ଟନାୟକ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ଉପସଭାପତି ଭାବେ ଦିଲ୍ଲୀପ କୁମାର ସାମନ୍ତ, ମନୋଜ କୁମାର ପଣ୍ଡା ସମ୍ପାଦକ, ଶ୍ରୀଧର କୁମାର ମହାନ୍ତି ସହ ସମ୍ପାଦକ, ସଞ୍ଜୁଲତା ଦେଇ କୋଷାଧକ୍ଷା, ସୁଦାମ ଚରଣ ନାୟକ ପାଠାଗାର ସମ୍ପାଦକ ଏବଂ କାର୍ଯ୍ୟନିର୍ବାହୀ ସଦସ୍ୟ ରୂପେ ପ୍ରଭାତ ରଞ୍ଜନ ବଳିୟାର ସିଂ, ଲକ୍ଷ୍ମୀପ୍ରିୟା ପାଳ, ଶିଶିର କୁମାର ପଳେଇ, ବିଷ୍ଣୁଯଶ ବନଟାନନ୍ଦ ଆଚାର୍ଯ୍ୟ ପ୍ରମୁଖ ନିର୍ବାଚିତ ହୋଇଛନ୍ତି ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ବରିଷ୍ଠ ଆଇନଜୀବି ଅଜିତ ପ୍ରସାଦ ଚୌଧୁରୀଙ୍କ ସୂଚନା ମୁତାବକ ଆଗାମୀ ମାର୍ଚ୍ଚ ୩୦ ତାରିଖରେ ଓକିଲ ସଙ୍ଘ ନିର୍ବାଚନ ହେବାକୁ ଥିବା ବେଳେ ନାମାଙ୍କନ ପତ୍ର ଦାଖଲ ଶେଷ ପର୍ଯ୍ୟନ୍ତ ଅନ୍ୟ କୌଣସି ସଦସ୍ୟ ପାର୍ଥୀପତ୍ର ଦାଖଲ କରିନଥିବା ବେଳେ ସମସ୍ତ ପଦବୀ ନିମନ୍ତେ ଜଣେ ଜଣେ ପାର୍ଥିପତ୍ର ଦାଖଲ କରି ସମସ୍ତ କାର୍ଯ୍ୟକର୍ତ୍ତା ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି ।

# ଏସ୍‌ଟି ଜାଭିୟର ପବ୍ଲିକ ସ୍କୁଲ ବାର୍ଷିକୋତ୍ସବ




କଣ୍ଟାପଡା, (ସବ୍ୟୁ) :କଣ୍ଟାପଡା ବ୍ଲକ ଇଚ୍ଛାପୁର ସ୍ଥିତ ଏସ୍‌ଟି ଜାଭିୟର ପବ୍ଲିକସ୍କୁଲର ବାର୍ଷିକସୋବ କିଡୋ ଫ୍ରେଞ୍ଜି-୨୦୨୪ ସ୍କୁଲ ପରିଷରରେ ମହା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେକାଦମ୍ବିନୀର ସମ୍ପାଦିକା ଡ଼. ଇତିରାଣୀ ସାମନ୍ତ, ଟିଭି ଓ ଚଳଚିତ୍ର ଅଭିନେତାଡାକ୍ତର ଚିତରଞ୍ଜନ ମିଶ୍ର ମୁଖ୍ୟ ବକ୍ତା, ସ୍କୁଲ ପରିଚାଳନା ନିର୍ଦ୍ଦେଶିକା ସରିତାଜୟନ୍ତୀ ଲେଙ୍କା ଓ ଡିନ ଡ଼ ଦିବ୍ୟ କେଶରୀ ପ୍ରଧାନ ସମ୍ମାନୀତ ଅତିଥି ଭାବେଗୋବିନ୍ଦପୁର ଥାନା ଆଇଆଇସି ରବିନାରାୟଣ ବେହେରା, ଓଲଟପୁରଆଇଅଇସି ପ୍ରିୟରଞ୍ଜନ ନାୟକ, ପ୍ରସନ୍ନ କୁମାର ସାମନ୍ତରାୟ, ବିବେକାନନ୍ଦଦାଶ, ବ୍ରାହ୍ମଣବାଟୀ ସରପଞ୍ଚ ସଞ୍ଜୟ କୁମାର ରାଉତରାୟ ଯୋଗଦେଇଥିଲେ।ପ୍ରାରମ୍ଭରେ ସ୍କୁଲ ଅଧକ୍ଷ ମିର୍ ଅବଦୁଲ କଲୀମ୍ ସ୍କୁଲର ବାର୍ଷିକ ବିବରଣୀ ପାଠକରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଇତିରାଣୀ ସାମନ୍ତ ନିଜବକ୍ତବ୍ୟରେ ଉପସ୍ଥିତ ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କୁ କହିଥିଲେ- ଶିକ୍ଷାପ୍ରତ୍ୟକ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଅପରିହାର୍ଯ୍ୟ ଏବଂ ଶିକ୍ଷାଗୁଣାତ୍ମକ ହୋଇଥିବା ଦରକାର। ଏଥିରେ ବାପ ମାଆ ଓ ଶିକ୍ଷକ ଓ ଶିକ୍ଷୟତ୍ରୀପିଲାମାନଙ୍କୁ ଉଚ୍ଚିତ ମାର୍ଗ ଦର୍ଶନ ଦେଲେ ପିଲାଟି ଉଚ୍ଚିତ ମାର୍ଗରେ ପରିଚାଳିତ ହେବା ସହ ଭବିଷ୍ୟତଟି ସୁମାର୍ଜିତ ହୋଇପାରିବ। ବିଭିନ୍ନପ୍ରତିଯୋଗୀତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବାଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରାଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସ୍କୁଲର ଶିକ୍ଷକ ଶିକ୍ଷୟତ୍ରୀ କର୍ମଚାରୀ ଓ ଏସ୍‌ଏମ୍‌ସି ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗୁହାଳ ତାଲା ଭାଙ୍ଗି ନେଇଗଲେ ୪୦ ଛେଳି

ନିମାପଡା,(ସବ୍ୟୁ): ଗତ ସୋମବାର ରାତ୍ରରେ ଚାରିଛକ ଥାନା ଅନ୍ତର୍ଗତ ବସନ୍ତପୁର ଗ୍ରାମର ଜଣେ ଛେଳି ଚାଷୀଙ୍କ ଗୁହାଳ ଭାଙ୍ଗି ୪୦ଟି ଛେଳି ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗରୁ ପ୍ରକାଶ ଯେ, ଉକ୍ତ ଗ୍ରାମର ବିପିନ ବିହାରୀ ପ୍ରଧାନ ଛେଳି ପାଳନ କରି ପରିବାର ଚଳାଇଥାନ୍ତି । ଗତ ରବିବାର ଦିନ ଦିଘାଳୋର ଜଣେ ବେପାରୀ ଆସି ସବୁତକ ଛେଳି କିଣି ନେବାକୁ ଛେଳିଚାଷୀ ବିପିନଙ୍କୁ କହିଥିଲା । ତେବେ ସେ ଛେଳି ବିକ୍ରି କରିବେ ନାହିଁ କହି ତାକୁ ଫେରାଇ ଦେଇଥିଲେ । ମଙ୍ଗଳବାର ରାତିରେ ଗୁହାଳର ତାଲା ଭାଙ୍ଗି ୩୫ଟି ବଡ ଏବଂ ୫ଟି ଛୋଟ ଛେଳି ଛୁଆକୁ ଚୋରିକରି ନେଇଯାଇଛି । ଚୋରି ଯାଇଥିବା ଛେଳି ମୂଲ୍ୟ ପ୍ରାୟ ୪ଲକ୍ଷ ଟଙ୍କା ହେବ ବୋଲି କୁହାଯାଉଛି । ମୂଲ୍ୟ କରି ଯାଇଥିବା ବେପାରୀ ଛେଳି ଚୋରୀ କରିନେଇଛି ବୋଲି ବିପିନ ସନ୍ଦେହ କରି ଚାରିଛକ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତିକରି ପୁଲିସ ଘଟଣାର ତଦନ୍ତ ଚଳାଇଛି ।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ଅସ୍ତରଙ୍ଗ, (ସବ୍ୟୁ) : ମଙ୍ଗଳବାର ଅସ୍ତରଙ୍ଗ ବ୍ଲକ ଅଧିନ ନଗର ଗ୍ରାମପଞ୍ଚାୟତ ର ବାଲିଡିଆ ଗ୍ରାମରେ ଜଣେ ମହିଳାଙ୍କର ସନ୍ଦେହ ଜନକ ମୃତ୍ୟୁ ହୋଇଛି।ମୃତ ମହିଳା ଜଣଙ୍କ ୬ବର୍ଷ ତଳେ ବିବାହ କରିଥିଲେ । ପାରିବାରିକ ହେଉ କି କୌଣସି କାରଣ ବଶଃତ ମହିଳା ଆତ୍ମହତ୍ୟା କରିବା ସେ ସମ୍ବନ୍ଧରେ କୌଣସି କାରଣ ଜଣା ପଡ଼ିନାହିଁ। ଅସ୍ତରଙ୍ଗ ଥାନା ଅଧିକାରୀ,ରାଜେଶ କୁମାର ବଳିଆର ସିଂ ଘଟଣା ସ୍ଥଳରେ ପହଞ୍ଚି ସବ ଜବତ କରିବା ସହ, ପୁରୀ ରୁ ସାଇଣ୍ଟିଫିକିଦଳ ଦଳ ଡକାଇ ତଦନ୍ତ ଜାରି ରଖିଛନ୍ତି ।

# ୭୫ ଗୋରୁ ଜବତ, ଜଣେ ଅଟକ

ନିମାପଡା,(ସବ୍ୟୁ) ଚାରିଛକ ଥାନା ପୁଲିସ ସୋମବାର ରାତିରେ ନିକଟସ୍ଥ କୁସୁମାଠେଙ୍ଗ ବସ୍ତିରେ ଚଢାଉ କରି ୭୫ଟି ଗାଈ,ବାଛୁରୀ ଜବତ କରିଥିବା ଜଣାପଡିଛି । ଚଢାଉ ସମୟରେ ୨ ବ୍ୟବସାୟୀ ଫେରାର ହୋଇଯାଇଥିବା ବେଳେ ଜଣକୁ ପୁଲିସ ଧରି ଅଟକ ରଖି ପଚରାଉଚରା ଚଳାଇଛି । ଗାଇ ବାଛୁରୀଙ୍କୁ ମାରିବା ପାଇଁ ରଖାଯାଇଥିବା ପୁଲିସ କୌଣସି ସୂତ୍ରରୁ ଖବର ପାଇ ବସ୍ତିରେ ଚଢାଉ କରିଥିଲା । ଚଢାଉ ସମୟରେ ୭୨ଟି ବାଛୁରୀ ଓ ୩ଟି ଗାଈକୁ ପୁଲିସ ଜବତ କରିଥିଲା । ଏଠାରେ ଗାଈ ବାଛୁରୀକୁ ମାରି ତାର ମାଂସକୁ ବାହାରକୁ ଚାଲାଣ କରିବାକୁ ଯୋଜନା ରହିଥିଲା ବୋଲି ପୁଲିସ କହିଛି । ଜବତ ୭୫ଟି ବାଛୁରୀ ଓ ଗାଈକୁ ପୁଲିସ ବାଲିଘାଇ ସ୍ଥିତ ଗୁରୁ ଗୋବିନ୍ଦ ସେବା ଶ୍ରମରେ ଛାଡି ଥିବା ବେଳେ ସଂପୃକ୍ତ ବ୍ୟବସାୟୀ ମୁନୁ ମନସିର ଅଲ୍ଲୀଖାଁ ଏବଂ ତାର ୨ ସହଯୋଗୀଙ୍କ ବିରୋଧରେ ପୁଲିସ ଏକ ମାମଲା ରୁଜୁ କରିଛି । ଏଠାରେ ସୂଚନା ଯୋଗ୍ୟକି କୁସୁମାଠେଙ୍କ ବସ୍ତିର ଗୋରୁ ବ୍ୟବସାୟୀମାନେ ଗାଁ ଗହଳିକୁ ଯାଇ ଗୋରୁ କିଣି କଂଟେନର ଗାଡିରେ ରାଜ୍ୟ ତଥା ରାଜ୍ୟ ବାହାର କଂସେଇ ଖାନାକୁ ପଠାଯାଉଛି ।

# ବିଜେପିର କାର୍ଯ୍ୟକର୍ତ୍ତା ସମାବେଶ



ଡେଲାଙ୍ଗ,(ସବ୍ୟୁ) : ଡେଲାଙ୍ଗ-ପିପିଲି ରାସ୍ତା ପାର୍ଶ୍ୱ ବାଜପୋଇ ଛକ ସନ୍ନିକଟ ମହାବୀର ମନ୍ଦିର ପ୍ରାଙ୍ଗଣରେ ବିଜେପିର ବିଶାଳ କାର୍ଯ୍ୟକର୍ତ୍ତା ସମାବେଶ ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲ୍ଲା ସଭାପତି ଆଶ୍ରୀତ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାବେଶରେ ରାଷ୍ଟ୍ରିୟ ପ୍ରବକ୍ତା ଡ.ସମ୍ବିତ୍ ପାତ୍ର, ବ୍ରହ୍ମଗିରି ବିଧାୟକ ତଥା ରାଜ୍ୟ ଉପସଭାପତି ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର , ରାଷ୍ଟ୍ରିୟ ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ପ୍ରଭାତୀ ପରିଡା, ଜିଲ୍ଲା ସମ୍ପାଦକ ଶୁଭାଶିଷ୍ ଛୋଟରାୟ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଜ୍ୟୋତି ମହାପାତ୍ର ଓ ନିର୍ବାଚନ ମଣ୍ଡଳୀର ସମସ୍ତ ମଣ୍ଡଳ ସଭାପତି, ଯୁବ ମୋର୍ଚ୍ଚା ସଭାପତିଙ୍କ ସମେତ ୩ ହଜାରରୁ ଉର୍ଦ୍ଧ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ରହି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଭିନ୍ନ ଦ୍ୱାରା ଜନସାଧାରଣଙ୍କ ପାଇଁ ଲୋକାଭିମୁଖି କାର୍ଯ୍ୟ ଓ ମୋଦିଙ୍କ ଗ୍ୟାରେଣ୍ଟି ସମ୍ପର୍କରେ ଆଲୋକପାତ କରିଥିଲେ। ଏହା ସହିତ ଦେଶର ବିକାଶ କ୍ଷେତ୍ରରେ କେନ୍ଦ୍ରସରକାରଙ୍କ ଦ୍ୱାରା ବିଭିନ୍ନ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ । ନିର୍ବାଚନ ମଣ୍ଡଳୀ ସଂଯୋଜକ ଗଙ୍ଗାଧର ବରାଳ ସଭା ସଂଯୋଜନା ଓ ମଞ୍ଚ ପରିଚାଳନା କରିଥିବା ବେଳେ ବିଜେପିର ମିଶ୍ରଣପର୍ବ ଅନୁଷ୍ଠିତ ହୋଇଥିଲା । ଏହି ମିଶ୍ରଣ ପର୍ବରେ ବେରବୋଇ ପଞ୍ଚାୟତ ସରପଞ୍ଚ ମଳୟ କୁମାର ସେଠୀ, ଡେଲାଙ୍ଗ -କୋଠବାଡର ପଞ୍ଚାୟତର ତ୍ରୀସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସମିତିସଭ୍ୟା ଭାବେ ପ୍ରାର୍ଥୀନୀ ହୋଇଥିବା ସନ୍ଧ୍ୟାରାଣୀ ମହାପାତ୍ରଙ୍କ ସମେତ ରେଞ୍ଚ, ବେରବୋଇ, ଗୁଆଳିପଡା ଓ ଡେଲାଙ୍ଗ -କୋଠବାଡ ଗ୍ରାମପଞ୍ଚାୟତର ୪୦ରୁ ଉର୍ଦ୍ଧ୍ୱ ବିଜେପିରେ ସାମିଲ ହୋଇଥିଲେ ।

# ପାଣି ପାଇଁ ଜଳ ସମ୍ପଦ, କୃଷି କାର୍ଯ୍ୟାଳୟ ଘେରିଲେ ଚାଷୀ

ବାଲିପାଟଣା , (ସବ୍ୟୁ) : ବାଲିପାଟଣା ଦୀର୍ଘ ଦୁଇ ଦଶନ୍ଧି ପରେ କେନାଲ ପାଣିକୁ ଭରସା କରି ଚାଷୀ ଧାନ ରୁଆ କାମ କଲେ ପାଣି ଆସିବ କି ନାହିଁ ଦ୍ୱନ୍ଦରେ ପଡି ଅନେକ ଚାଷୀ ବିଲ ପଡିଆ ପକେଇଲେ । ଆଉ କିଛି ମୁଗ ଚାଷ କରିଛନ୍ତି । ଫେବୃଆରୀ ଶେଷରେ କେନାଲ ପାଣି ମାଡିଲା । ଚାଷୀ ଉତ୍ସାହିତ ହୋଇ ଧାନ ପୋତିଲେ । ବିଲ ଚାଷ , ମଜୁରୀ , ତଳି କିଣା , ପିଡିଆ ଏବଂ ଔଷଧ ବାବଦରେ ହଜାର ହଜାର ଟଙ୍କା ଖର୍ଚ୍ଚାନ୍ତ ହେଲେ । ହେଲେ ଏବେ ଜମି ପାଣି ବିନା ଫାଟି ଆଁ କରିଛି । କିଆରୀକୁ ପାଣି ମଡ଼ାଇବା ପାଇଁ କୌଣସି ସୁବିଧା ନ ଥିବାରୁ ଚାଷୀ ହତାସ ହୋଇଛି । ଅନ୍ୟପକ୍ଷରେ ରୁଆ ଧାନରେ କାଣ୍ଡ ବିନ୍ଧା ପୋକ ଲାଗି ଗଛ ଝୁଣି ଦେଉଛନ୍ତି ପ୍ରତି ୧୫ ଦିନରେ ଔଷଧ ପକାଇ ଚାଷୀ ହତାସହୋଇପଡିଲାଣି ।କିଛି ବର୍ଷ ହେଲା ଚାଷୀ ଖରିଫ ଫସଲ ପରେ ଜମିରେ ଡାଲି ଜାତୀୟ ଫସଲ ଚାଷ କରୁଥିଲେ କମ ଖର୍ଚ୍ଚରେ ଅଧିକ ଲାଭବାନ ହେଉଥିଲେ ।ଚଳିତ ବର୍ଷ କୃଷି ବିଭାଗ ଓ ଜଳ ସେଚନ ବିଭାଗ ତରଫରୁ ଜାନୁଆରୀରୁ ଏପ୍ରିଲ ମାସ ମଧରେ ପର୍ଯ୍ୟାୟ କ୍ରମେ ୬ ଥର କେନାଲ ପାଣି ଛାଡିବା ପାଇଁ ବୈଠକରେ ଘୋଷଣା ହେଲା । ଚାଷୀ ଧାନ ଚାଷ ପାଇଁ ପ୍ରସ୍ତୁତ ହେଲେ କିଛି ଚାଷୀ ମୁଗ, ବିରି ବୁଣି ଦେଲେ । ନିମାପଡା ବ୍ରାଞ୍ଚ କେନାଲ ଅଧୀନ ଗିରିଙ୍ଗ ମାଇନର ପାଣି ଉପରେ ଭରସା କରି ସରାଟ , ତରବୋଇ, ବାଗଲପୁର, ଗୋବିନ୍ଦପୁର, କୁଳନ୍ତିର । ବାଗିଲ୍,ଗ୍ରାମ,ଶାସନ,ଗ୍ରାମର ପ୍ରାୟ ଦୁଇ ହଜାର ଚାଷୀ ଦୁଇ ଶହ ଏକର ଧାନ ଚାଷ କରିଛନ୍ତି। ଗଛ ଚେର ବାନ୍ଧିବା ସହ ବୁଦା ବାନ୍ଧି ଯାଇଛି ମାତ୍ର ସପ୍ତାହେ ହେବ ବିଲ ଫାଟି ଆଁ କରିଛି । ଆଖପାଖ ରେ ପାଣି ମଡାଇବା ସୁବିଧା ନାହିଁ । ଉପାୟ ହୀନ ହୋଇ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି । ସେହିପରି ସରାଟ ଶାସନ ମାଇନର ପାଣିକୁ ଆଶା କରି ଗଡ଼ବନ୍ତପୁର ରବିନ୍ଦ୍ର କୁମାର ଜେନା ଏବଂ ଅନ୍ୟ କିଛି ଚାଷୀଙ୍କ ଜମି ପାଣି ବିନା ଫାଟି ଆଁ କରିଥିବା ଅଭିଯୋଗ ଆସିଛି । ଅନ୍ୟପକ୍ଷରେ କୁଳନ୍ତିରା ବାଗିଲ ଗ୍ରାମର ଅକ୍ଷୟ ଭୋଳ,ଶଙ୍କର ଭୋଳ , ଲକ୍ଷ୍ମଣ ଭୋଳ,କାର୍ତ୍ତିକ ଭୋଳ,ଅଭୟ ଭୋଳ, ବେନୁଆ ନାୟକ, ସରଜ୍ ଭୋଇ, ବିନି ଭୋଇ କହିବା କଥା ରୁଆ ହେବା ଦେଢ଼ ମାସ ହେଲାଣି ଗଛ ସବୁ କାଣ୍ଡ ବିନ୍ଧା ପୋକ ଶୋଷି ଯାଉଛନ୍ତି । ତେଣୁ ପ୍ରତି ୧୫ ଦିନରେ ଏକର ପିଛା ୮ ଶହ ରୁ ଉର୍ଦ୍ଧ ଟଙ୍କା ଖର୍ଚ୍ଚ କରି ଔଷଧ ପକାଇବାକୁ ପଡୁଛି ଧାନ ଚାଷ କରି ହତାସ ହୋଇଥିବା ଚାଷୀଙ୍କ ମୁହଁରୁ ଶୁଣିବାକୁ ମିଳୁଛି ବ୍ଲକ ପ୍ରଶାସନ ପକ୍ଷରୁ ରିହାତି ଦରରେ ଓସନ୍ଧ ଯୋଗାଇ ବାକୁ ନିର୍ଦ୍ଦେଶ ଥିଲେ ବି କିଛି ମିଳୁନି।କେନାଲ ପାଣି ଏପ୍ରିଲ ମାସରେ ବନ୍ଦ ହୋଇଗଲେ ଶହ ଶହ ହେକ୍ଟର ଧାନ ଗଛ ଜଳି ଯିବ ବୋଲି ଚାଷୀ ଆକଳନ କଲେଣି ତେଣୁ ସରକାରୀ ସ୍ତରରେ ଆଲୋଚନା କରି ମେ ମାସ ଶେଷ ପର୍ଯ୍ୟନ୍ତ କେନାଲ ପାଣି ଛାଡିବାକୁ ଚାଷୀ ଦାବି କରିଛନ୍ତି ନଚେତ୍ ଆଗାମୀ ନିର୍ବାଚନ ରେ ଭୋଟ ବର୍ଜନ କରିବେ ବୋଲି କହିଛନ୍ତି। ଏ ସମ୍ପର୍କରେ କୃଷି ଅଧିକାରୀ ନକ୍ଷେତ୍ର ମୋହନ ରାଉଳଙ୍କୁ ଯୋଗାଯୋଗ କରିବାରୁ ସେ କୁହନ୍ତି ମଙ୍ଗଳବାର ଅପରାହ୍ନରେ ମୂଖ୍ୟ କେନାଲରେ ପାଣି ଛାଡ଼ିବା ଆରମ୍ଭ କରିଛି। ଚଳିତ ରବି ଋତୁରେ ୪୬୩୦ ହେକ୍ଟର ଜମିରେ ଧାନ ଚାଷ ହେବା କଥା କିନ୍ତୁ କେନାଲ ପାଣିକୁ ନେଇ ଚାଷୀଙ୍କ ମଧରେ ଦ୍ୱନ୍ଦ ଥିବାରୁ ଚଳିତ ରବି ଋତୁରେ ୩୫୦୦ ହେକ୍ଟର ଜମିରେ ଧାନଚାଷ କରାଯାଇଛି। ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଆଉ ପାଣି ବନ୍ଦ କରାଯିବ ନାହିଁ।ଜଳ ସମ୍ପଦ ଅଧିକାରୀ ଜ୍ଞାନେନ୍ଦ୍ର ନାୟକ କୁହନ୍ତି, କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ତରଫରୁ ଆସିଥିବା କୋଟି କୋଟି ଟଙ୍କାର କାମ କେନାଲରେ ପାଣି ଥିବାରୁ କୌଣସି କାମ ହୋଇ ପାରିବ ନାହିଁ। ଚାଷୀଙ୍କ ଦାବିକୁ ପ୍ରାଥମିକତା ଦେଇ ଖୁବ୍ ଶୀଘ୍ର ପାଣି ଛଡ଼ା ଯାଇଛି।

